## ଦଳିତଙ୍କ ଉପରେ ସଶସ୍ତ୍ର ଆକ୍ରମଣ; ୨ ଗୁରୁତର



ପୁରୀ,୪।୫(ସମିସ): ପୁରୀ ଜିଲ୍ଲା ଚନ୍ଦ୍ରଭାଗା ମେରାଇନ୍ ଥାନା ଅଧୀନ ବାଲିକପିଳେଶ୍ୱର ନିକଟ ଲିଆଖିଆ କାଜୁ ଜଙ୍ଗଲ କୁଡ଼ିଆରେ ରହୁଥିବା ଦଳିତ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ ହୋଇଛି। ନିକଟସ୍ଥ ୨ ଗାଁର ୩୦ରୁ ଅଧିକ ବ୍ୟକ୍ତି ମାରଣାସ୍ତ୍ର ଧରି ଜାତିଆଣ ଆକ୍ଷେପ କରିବା ସହ ନିର୍ଘୁମ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ୨ ଜଣ ଗୁରୁତର ଆହତ ହୋଇ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ, ଲିଆଖିଆ କାଜୁ ଜଙ୍ଗଲ କୁଡ଼ିଆରେ କିଛି ଦଳିତ ପରିବାର ଦୀର୍ଘଦିନ ହେଲା ବସବାସ କରୁଛନ୍ତି। ରବିବାର ସନ୍ଧ୍ୟାରେ ୩୦ରୁ ଅଧିକ ଲୋକ ଲାଠି, ଠେଙ୍ଗା ଭଳି ମାରଣାସ୍ତ୍ର ଧରି କୁଡ଼ିଆରେ ପହଞ୍ଚିଥିଲେ। ସେମାନେ ଜାତିଆଣ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। କୁଡ଼ିଆର ଦୁଇ ଜଣ ବ୍ୟକ୍ତି ଗୁରୁତର ହୋଇପଡ଼ିଥିଲେ। ଘରଦ୍ୱାର ଭଙ୍ଗାରୁଜା ମଧ୍ୟ କରାଯାଇଛି। ପୀଡ଼ିତ ପରିବାର ପକ୍ଷରୁ ରାତିରେ ଚନ୍ଦ୍ରଭାଗା ମେରାଇନ୍ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଏଯାଏଁ ପୁଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଘଟଣାସ୍ଥଳକୁ ପୁଲିସ ଯାଇ ତଦନ୍ତ କରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ଅନୁସୂଚିତ ଜାତି ଓ ଜନଜାତି ବିକାଶ ସଂଗଠନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ସଂଗଠନର ଜିଲ୍ଲା ସଭାପତି କହିଛନ୍ତି, ସ୍ୱାଧୀନତାର ୭୯ ବର୍ଷ ପରେ ବି ଦଳିତଙ୍କ ଉପରେ ଜାତିଆଣ ଆକ୍ରମଣ ଲଜ୍ଜାଜନକ। ଥାନାରେ ଅଭିଯୋଗ ପରେ ବି ପୁଲିସ ଅଭିଯୁକ୍ତଙ୍କୁ ଗିରଫ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ୪୮ ଘଣ୍ଟା ମଧ୍ୟରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଏସ୍‌ସି/ଏସ୍‌ଟି ଆଟ୍ରୋସିଟି ଆକ୍ଟରେ ମାମଲା ରୁଜୁ ନ କଲେ ଆମେ ଚନ୍ଦ୍ରଭାଗା ଥାନା ଘେରଉ କରିବୁ।

## ଚଳନ୍ତା ବ୍ୟାଟେରୀ ସ୍କୁଟିରେ ଲାଗିଲା ନିଆଁ; ବର୍ତ୍ତିଲେ ଚାଳକ



ଗୋପ,୪।୫(ସମିସ): ସୋମବାର ଅପରାହ୍ଣରେ ଗୋପ-କୋଣାର୍କ ମୁଖ୍ୟ ରାସ୍ତାର ଗୋପ ଦେବୀ ବଜାରଠାରେ ନିକଟରେ ଗୋଟିଏ ବ୍ୟାଟେରୀ ସ୍କୁଟି ଜଳିଯାଇଥିବା ଜଣାପଡ଼ିଛି। ମାତ୍ର ଏହି ବ୍ୟାଟେରୀ ସ୍କୁଟିର ମାଲିକ ସିଲନ ମହାନ୍ତି ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ଖବର ପାଇ ଗୋପ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରକାଶ ଯେ, ଗାଡ଼ି ମାଲିକ କୌଣସି କାମରେ ଯାଇ ଗୋପ ଫେରୁଥିଲେ। ଦେବୀ ବଜାର ନିକଟରେ ସ୍କୁଟିରୁ ଧୂଆଁ ବାହାରିବା ଦେଖି ରାସ୍ତା ଉପରେ ଗାଡ଼ିଟିକୁ ରଖି ଦେଇଥିଲେ। ମାତ୍ର ସଙ୍ଗେ ସଙ୍ଗେ ଗାଡ଼ି ସିଟ୍ ତଳୁ ପ୍ରବଳ ମାତ୍ରାରେ ଧୂଆଁ ବାହାରିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। କିଛି ସ୍ଥାନୀୟ ଅଞ୍ଚଳର ଲୋକମାନେ ପାଣି ସହିତ ବାଲି ପକାଇ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବର ପାଇ ଗୋପ ଦମକଳ କେନ୍ଦ୍ର ଅଧିକାରୀ ମନୋଜ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ବ୍ୟାଟେରୀ ସ୍କୁଟି ଜଳିବା ଦେଖିବାକୁ କିଛି ସମୟ ପାଇଁ ରାସ୍ତା ଜାମ୍ ହୋଇଥିଲା।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବଳଙ୍ଗା,୪।୫(ସମିସ): ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ସୋମବାର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ବଳଙ୍ଗା ହାଇସ୍କୁଲରେ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଶୂନ୍ୟସିକ୍ତା ବେହେରା ୫୫୪, ଶ୍ରଦ୍ଧାଞ୍ଜଳି ବାରିକ ୫୪୧, ବରେନ୍ଦ୍ର କୁମାର ସାହୁ ୫୪୦ ନମ୍ବର ହାସଲ କରି ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି। ଏହାଛଡ଼ା ଏ-୨ ଗ୍ରେଡ୍‌ରେ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନନ୍ଦିତା ସାହୁ, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଏଲିଜା ବେହେରା, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

## ଏସ୍‌କେ ମେହେବୁବ୍ ଜିଲ୍ଲା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି



ବଳଙ୍ଗା,୪।୫(ସମିସ): ପୁରୀ ଜିଲ୍ଲା ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି ଭାବେ ବଳଙ୍ଗା ଥାନା ନିମାପଡ଼ା ବ୍ଲକ୍‌ର ଗୋପିନାଥପୁର ପଞ୍ଚାୟତ ଅଧୀନ ନୂଆଗୋପାଳପୁର ଗ୍ରାମର ଯୁବନେତା ଏସ୍‌କେ ମେହେବୁବ (ସାନୁ) ମନୋନୀତ ହୋଇଛନ୍ତି। ସେ ପୂର୍ବରୁ ନିମାପଡ଼ା ଓ ବଳଙ୍ଗା ଅଞ୍ଚଳରେ କୋଭିଡ୍ ସମୟରେ ବିଭିନ୍ନ ଜନହିତକର କାର୍ଯ୍ୟ କରିଥିଲେ। ନୂଆ ନିଯୁକ୍ତି ପାଇଁ ଏସ୍‌କେ ମେହେବୁବ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି। ଏହି ଦାୟିତ୍ୱ ମିଳିବା ପରେ ନିଷ୍ଠାର ସହିତ କାର୍ଯ୍ୟ କରି ଜିଲ୍ଲାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସମସ୍ତ ଲୋକଙ୍କ କଥା ଉପରେ ଧ୍ୟାନ ଦେବା ସହ ଦଳର ସଂଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ପ୍ରାଥମିକତା ଦେବେ ବୋଲି ସେ କହିଛନ୍ତି।

## ଘରେ ପଶି ମହିଳାଙ୍କୁ ଆକ୍ରମଣ ଘଟଣା; ୧୦ ଜଣଙ୍କ ନାଁରେ ମାମଲା

# ୩ ଦିନ ହେଲା ଜଣକୁ ବି ଧରୁନି ପୁଲିସ

ନୟାହାଟ,୪।୫(ସମିସ)

ଗାଁ ଦାଣ୍ଡରେ ମହିଳାଙ୍କୁ ପୁରୁଷ ଲୋକମାନେ ଘୋଷାଡ଼ି ଆକ୍ରମଣ କରି ଲହୁଲୁହାଣ କରିବା ଘଟଣାକୁ ତିନିଦିନ ବିତିଯାଇଥିଲେ ମଧ୍ୟ ୧୦ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣକୁ ବି ପୁଲିସ ଗିରଫ କରି ନ ଥିବା ବିଜେପିର ନାରୀନେତ୍ରୀ ରାଜଲକ୍ଷ୍ମୀ ଦାସ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି।

ନୟାହାଟ ଫାଣ୍ଡି ଅନ୍ତର୍ଗତ ଶୋରଭା ପଞ୍ଚାୟତର ଓଟାଙ୍ଗ ଗ୍ରାମର ଜମିବାଡ଼ିକୁ କେନ୍ଦ୍ରକରି ଦୀର୍ଘଦିନ ହେଲା ତନୁଲତା ସ୍ୱାଇଁ ଓ ଝରିଆ ଖଟୋଇଙ୍କ ପରିବାର ମଧ୍ୟରେ ବିବାଦ ଲଗି ରହିଥିଲା। ଶନିବାର ଉଭୟଙ୍କ ଜମି ମାପଚୁପ ହେବା ପାଇଁ ଘଟଣାସ୍ଥଳରେ ପୁଲିସ ପହଞ୍ଚିଥିଲା। ଗୋଟିଏ ପକ୍ଷର ଅମିନ ନ ଆସିବାରୁ ପୁଲିସ ଫେରି ଆସିଥିଲା। ସେହି ଜମିରେ ଥିବା ନଡ଼ିଆ ଗଛରୁ ନଡ଼ିଆ ଝାଡ଼ିବା ଓ ଲିପିନା ସ୍ୱାଇଁ ନଡ଼ିଆ ଆଣିବାକୁ କେନ୍ଦ୍ର କରି ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଲିପିନା ସ୍ୱାଇଁଙ୍କୁ ଗାଁ ଦାଣ୍ଡରେ ସଂଘବଦ୍ଧ ହୋଇ ଆକ୍ରମଣ କରିବାକୁ ଗୋଡ଼ାଇବାରୁ ଜୀବନ ବିକଳରେ ସେ ଜଣଙ୍କ ଘରେ



ପଶିଯାଇଥିଲେ। ଆକ୍ରମଣକାରୀମାନେ ତାଙ୍କୁ ଘରୁ ଘୋଷାଡ଼ି ଆଣି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ମାଆ-ଝିଅଙ୍କୁ ଗ୍ରାମବାସୀମାନେ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ପ୍ରଥମେ ଗୋପ ପଠାଇଥିଲେ। ଗୁରୁତର ହେବାରୁ ସେଠାରୁ ଭୁବନେଶ୍ୱର ନେଇଥିଲେ। ଏ ସମ୍ପର୍କରେ ଲିପିନାଙ୍କ ବଡ଼ବାପା ପ୍ରକାଶ ଚନ୍ଦ୍ର ସ୍ୱାଇଁ ଗୋପ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଛନ୍ତି। ଜଗନ୍ନାଥ ଖଟୋଇ, ଭଗତ ଖଟୋଇ, ଆକୁଳା ଖଟୋଇ, ସାବିତ୍ରୀ ଖଟୋଇ, ଝରିଆ ଖଟୋଇ, ଭାଲୁ ଖଟୋଇ, ଇନ୍ଦ ଖଟୋଇ ପ୍ରମୁଖଙ୍କ ନାମରେ ମାମଲା ରୁଜୁ ହୋଇଛି। ଆକ୍ରମଣକାରୀମାନେ ନିଜେ ବଞ୍ଚିବା ପାଇଁ ଗୋପ ଥାନାରେ ବିଧବା ମହିଳା ଦୁଇ ଝିଅଙ୍କ ନାମରେ କେସ୍ ନମ୍ବର ୧୪୧/୨୬ରେ ଏକ ମାମଲା ରୁଜୁ କରିଛନ୍ତି। ଏହି ମିଥ୍ୟା ମୋକଦ୍ଦମାକୁ ଶୋରଭା ପଞ୍ଚାୟତର ବିଜେପି ନାରୀ ନେତ୍ରୀ ତଥା ଗୋପ ବ୍ଲକ୍‌ର ଏମ୍‌ପିଙ୍କ ପ୍ରତିନିଧି ରାଜଲକ୍ଷ୍ମୀ ଦାସ ପୁଲିସର ଏହିପରି କାର୍ଯ୍ୟକୁ ଦୃଢ଼ ନିନ୍ଦା କରିବା ସହିତ ଅଭିଯୁକ୍ତମାନଙ୍କୁ ଯଦି ଧରା ନ ଯାଏ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ‘ମୁଁ କୁଶଭଦ୍ରା କାନ୍ଦୁଛି’ ପରିବାରକୁ ଓଡ଼ିଆ ଅସ୍ମିତା ଗୌରବ ସମ୍ମାନ



ନିମାପଡ଼ା,୪।୫(ସମିସ): ନିମାପଡ଼ା-ଗୋପର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ମୁଁ କୁଶଭଦ୍ରା କାନ୍ଦୁଛି’ ପରିବାରକୁ ରାଜଧାନୀ ଭୁବନେଶ୍ୱର ଜୟଦେବ ଭବନ ପରିସରରେ ଆୟୋଜିତ ମଞ୍ଚରେ ରାଜଧାନୀ ସେବାସଂଘ ତରଫରୁ ସମ୍ମାନିତ କରାଯାଇଛି। ପ୍ରାୟ ୩ ବର୍ଷରୁ ଅଧିକ ହେବ କୁଶଭଦ୍ରା ନଦୀର ଜଳ ପ୍ରବାହ ନ ଥିବାରୁ ନଦୀକୂଳବାସୀ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଏହାକୁ ନେଇ କୁଶଭଦ୍ରା କାନ୍ଦୁଛି ପରିବାର ଧାରାବାହିକ ଭାବେ ସଂଗ୍ରାମ ଚାଲୁ ରଖିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟି ନିମାପଡ଼ାର ଜୀବନ ରେଖା କୁଶଭଦ୍ରା ନଦୀର ଖନନ, ସୁରକ୍ଷା, ସୌନ୍ଦର୍ଯ୍ୟ ବୃଦ୍ଧି ସମ୍ପର୍କରେ ୭ଦଫା ଦାବି ନେଇ ପରିବାର ତରଫରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କାର୍ଯ୍ୟାନୁଷ୍ଠାନ ହେବା ପାଇଁ ପ୍ରତିଶ୍ରୁତି ମିଳିଥିଲା। ପରିବାର ମଧ୍ୟରେ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଭୂତତ୍ତ୍ୱବିତ୍, ଗବେଷକ, ଅଧ୍ୟାପକ, କୃଷକ, ବ୍ୟବସାୟୀ, ସାମ୍ବାଦିକଙ୍କ ସ୍ୱର ଉତ୍ତୋଳନ ହୋଇଛି। ଏ ସ୍ୱର ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିର ନୁହେଁ, ଏହା ସାଧାରଣଙ୍କ ଆଭିମୁଖ୍ୟ। କୁଶଭଦ୍ରା ମା’ ବଞ୍ଚିବା ପର୍ଯ୍ୟନ୍ତ ଏ ସଂଗ୍ରାମ ଚାଲୁ ରହିବ। କୁଶଭଦ୍ରା କାନ୍ଦୁଛି ପରିବାରର କାର୍ଯ୍ୟଧାରା ପାଇଁ ରାଜଧାନୀ ସେବାସଂଘ ତରଫରୁ ରାଜଧାନୀ ଭୁବନେଶ୍ୱର ଜୟଦେବ ଭବନ ମଞ୍ଚରେ ଗତ ରବିବାର ଓଡ଼ିଆ ଅସ୍ମିତା ଗୌରବରେ ଗୌରବାନ୍ୱିତ କରିଥିବାରୁ ସେବାସଂଘକୁ ପରିବାର ପକ୍ଷରୁ ନିଗମାନନ୍ଦ ସାହୁ, ବିକାଶ ବାରିକ, ସଚ୍ଚିଦାନନ୍ଦ ଗୋଚ୍ଛାୟତ, ଶରତ କୁମାର ସେନାପତି, ମାନସ ସ୍ୱାଇଁ, ନିରଞ୍ଜନ ସାହୁଙ୍କ ସମେତ ସମସ୍ତ ସଦସ୍ୟ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଗୁଆଳି ଗୋରଡ଼ା ଭାଗବତ ବାସୁଦେବ ମେଳଣ



ବଳଙ୍ଗା,୪।୫(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ବଳରାମପୁରଗଡ଼ ଗ୍ରାମସ୍ଥ ଥାନପତି ପତିତପାବନଙ୍କ ନିମନ୍ତ୍ରଣ କ୍ରମେ ସତ୍ୟବାଦୀ, ପିପିଲି, ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଦ୍ୟାଧରପୁର, ବାଗଲପୁର, ମାଳସାହି, ପାଟଣାସାହି, ବରାହମ ପିଢ଼ି, ମାଧିପୁର, ଗେଣ୍ଡାମାଳି, କଅଁଳପଡ଼ା, ଖଡ଼ିକୁଦା, ଗୁଆଳି ଗୋରଡ଼ା, ବନମାଳୀପୁର, ଘୁଷୁରୀ ଖାଲ, କମାସାହି ପ୍ରଭୃତି ଗ୍ରାମସ୍ଥ ଭାଗବତ ବାସୁଦେବ ସୁସଜ୍ଜିତ ଦୋଳ ବିମାନରେ ଘଣ୍ଟ, ଘଣ୍ଟା ବିଭିନ୍ନ ବାଦ୍ୟ, ଆଲୋକମାଳାରେ ସାଜସଜ୍ଜା ଆଟପଟୁଆରରେ ଗୁଆଳି ଗୋରଡ଼ାସ୍ଥ ବାଲି ମେଳଣ ପଡ଼ିଆରେ ନିର୍ଦ୍ଧାରିତ ସ୍ଥାନରେ ଉପବିଷ୍ଟ ହୋଇଥିଲେ। ବୁଦ୍ଧ ପୂର୍ଣ୍ଣିମା ତିଥିରେ ଜମାଣ ଉତ୍ସବ, ଦ୍ୱିତୀୟ ଦିନରେ ଦେବସଭା ହରିହର ଭେଟ ପରେ ଠାକୁରମାନେ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥା’ନ୍ତି। ଚଳିତ ବର୍ଷ ୨୦ଟି ଦୋଳ ବିମାନ ଆସିଥିବା ଜଣାପଡ଼ିଛି। ରାଜାରାଜୁଡ଼ା ଶାସନ ସମୟରୁ ବଳରାମପୁର ଗଡ଼ସ୍ଥ ଅଣଚାଳିଶପଡ଼ା ସାମନ୍ତଙ୍କ ଦ୍ୱାରା ପ୍ରାୟ ୩୦୦ ବର୍ଷ ପୂର୍ବେ ଏହି ମେଳଣ ଅନୁଷ୍ଠିତ ହୋଇ ଆସୁଥିବା ବର୍ତ୍ତମାନ ଉତ୍ତରାଧିକାରୀ ସାମନ୍ତ ହରପ୍ରଶନ୍ନ ରାୟଙ୍କଠାରୁ ସୂଚନା ମିଳିଛି। ଅଞ୍ଚଳରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗ୍ରାମ୍ୟ ମେଳଣ ମଧ୍ୟରେ ଏହା ଶେଷ ହୋଇଥିବାରୁ ଉତ୍ସାହଜନକ ଜନସମାଗମ ଦେଖାଯାଇଥିଲା।

## ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟର ଶତ ପ୍ରତିଶତ ଫଳାଫଳ



ନିମାପଡ଼ା,୪।୫(ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଅମରଶ୍ୱେର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଚଳିତ ମାଟ୍ରିକ୍ ପରୀକ୍ଷାରେ ଶତ ପ୍ରତିଶତ ଫଳାଫଳ ହୋଇଥିବା ନେଇ ପ୍ରଧାନଶିକ୍ଷୟିତ୍ରୀ ପ୍ରକାଶ କରିଛନ୍ତି। ଏହି ବିଦ୍ୟାଳୟରୁ ଚଳିତବର୍ଷ ଦଶମ ଶ୍ରେଣୀରେ ମୋଟ୍ ୮୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏ-୧ରେ ଶୁଭଶ୍ରୀ ସାହୁ(୫୪୮), ଏ-୨ରେ ସୌମ୍ୟଶେଖର ସାହୁ (୫୨୯), ଆଙ୍କାକ୍ଷା ସିହ୍ନା (୫୨୬), ମୋନିସା ପ୍ରିୟଦର୍ଶିନୀ ସାହୁ(୫୨୪), ସୋନମ୍ ସୁଚରିତା ସାହୁ (୪୮୯), ବି-୧ରେ ୧୨ ଜଣ, ବି-୨ରେ ୧୩ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ସମସ୍ତ ପରୀକ୍ଷାର୍ଥୀ ପାସ୍ ହୋଇଥିବା ଜଣାପଡ଼ିଛି। ସୋମବାର ବିଦ୍ୟାଳୟ ପରିସରରେ ଏ-୧ ଓ ଏ-୨ରେ ପାସ୍ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ପ୍ରଧାନଶିକ୍ଷୟିତ୍ରୀ ସୁମିତ୍ରା ମେଲେକା, ଶିକ୍ଷୟିତ୍ରୀ ସୁନନ୍ଦା ପ୍ରଧାନ, ଚିନ୍ମୟୀ ମିଶ୍ର, ରିନାରାଣୀ ସାହୁ, ପ୍ରିୟଦର୍ଶିନୀ ପାତ୍ର, ଲିପି ମିଶ୍ର, ବିଷ୍ଣୁପ୍ରିୟା ଆଚାର୍ଯ୍ୟ, ଲିଲିଲତା ବେହେରା, ଚିନ୍ମୟୀ ସ୍ୱାଇଁ, ଗାୟତ୍ରୀ ଦାସ, ନିରୁପମା ରଥ, କଳ୍ପନା ପତି, ଦୁର୍ଗାମଣି ମହାନ୍ତି, ପୁଷ୍ପାଞ୍ଜଳୀ ରାଜ୍, ଲିପ୍ସା ପ୍ରିୟଦର୍ଶିନୀ ଦଳାଇ, ଶିକ୍ଷକ ଅଂଶୁମାନ ଚମ୍ପତିରାୟ, ବିଶ୍ୱଜିତ୍ ସ୍ୱାଇଁ, ଜୟଦେବ ନନ୍ଦଙ୍କ ସମେତ ଅଭିଭାବକମାନେ ଯୋଗଦେଇଥିଲେ। ବିଦ୍ୟାଳୟର ଶତପ୍ରତିଶତ ଫଳାଫଳ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଅଭିଭାବକମାନେ ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏ-୧ରେ ପାସ୍ କରିଥିବା ଛାତ୍ରୀ ଶୁଭଶ୍ରୀଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଅଷ୍ଟଶମ୍ଭୁ ଉଚ୍ଚ ବିଦ୍ୟାଳୟରେ ମେଧା ସମ୍ମାନ ପ୍ରଦାନ



ପିପିଲି,୪।୫(ସମିସ): ପିପିଲି ବ୍ଲକ୍ ଅନ୍ତର୍ଗତ ଅଷ୍ଟଶମ୍ଭୁ ଉଚ୍ଚ ବିଦ୍ୟାଳୟରେ ସୋମବାର ମେଧା ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଉକ୍ତ ବିଦ୍ୟାଳୟର ଏ-୧ ଗ୍ରେଡ୍‌ରେ ୨ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରତିଭା ପ୍ରିୟଦର୍ଶିନୀ ବେହେରା ବ୍ଲକ୍ ଟପ୍ପର୍ ହୋଇଥିବାବେଳେ ଦେବାଶିଷ ଜେନା ବ୍ଲକ୍‌ରେ ୩ୟ ସ୍ଥାନ ଅଧିକାର କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଉକ୍ତ ଛାତ୍ରଛାତ୍ରୀଦ୍ୱୟଙ୍କୁ ପିପିଲି ଡେଲାଙ୍ଗ ନିର୍ବାଚନମଣ୍ଡଳୀର ବିଧାୟକ ଆଶ୍ରିତ୍ ପଟ୍ଟନାୟକ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ତତ୍‌ସହିତ କିଛି ଉପହାର ପ୍ରଦାନ କରି ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଅନ୍ୟ ୩ଜଣ ଛାତ୍ରୀ ଏ-୨ ଗ୍ରେଡ୍‌ରେ ପାସ୍ କରିଥିବାବେଳେ ବିଦ୍ୟାଳୟର ଶତ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ସେମାନଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଏକ ସଭା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ୱାତିକା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ପିପିଲି ବ୍ଲକ୍ ଶିକ୍ଷାଧିକାରୀ ପୀତବାସ ସେଠୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଦୁଇ ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପ୍ରଧାନ, ବନମାଳୀ ସାହୁ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ୫ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଞ୍ଜୟ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟିର ସଭ୍ୟସଭ୍ୟା, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ନଟରାଜ ଡ୍ୟାନ୍ସ ଗ୍ରୁପ୍‌ର ବାର୍ଷିକ ଉତ୍ସବ

ନିମାପଡ଼ା,୪।୫(ସମିସ): ନିମାପଡ଼ା ଅଞ୍ଚଳରେ ନୃତ୍ୟ ଶିକ୍ଷାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ନଟରାଜ ଡ୍ୟାନ୍ସ ଗ୍ରୁପ୍ ନୃତ୍ୟ ଅନୁଷ୍ଠାନ ଭାବେ ଦୀର୍ଘ ୨୦ବର୍ଷ ଧରି କୁନିକୁନି ପିଲାମାନଙ୍କୁ ନୃତ୍ୟ ଶିଖାଇ ଆସୁଛି। ରବିବାର ଅପରାହ୍ଣରେ ସ୍ଥାନୀୟ ପୂର୍ଣ୍ଣେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠାନ ତରଫରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ନିମାପଡ଼ା ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ କୁମାର ବେହେରା, ସମ୍ମାନିତ ଅତିଥି ହେଲ୍ପ ଲାଇନ୍ ସଭାପତି ଅକ୍ଷୟ କୁମାର ସାହୁ, ନାଟ୍ୟ ନିର୍ଦ୍ଦେଶକ ବନବିହାରୀ ପ୍ରଧାନଙ୍କ ସହ ଅନ୍ୟ ଅତିଥିମାନେ ଯୋଗଦେଇଥିଲେ। ଅନୁଷ୍ଠାନ ତରଫରୁ ସମସ୍ତ ଅତିଥିଙ୍କୁ ମାନପତ୍ର ସହ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ନଟରାଜ ଡ୍ୟାନ୍ସ ଗ୍ରୁପ୍‌ର ପ୍ରତିଷ୍ଠାତା କାର୍ତ୍ତିକ କୁମାର ସେଠୀ ଏବଂ ସିଲୁଙ୍କୁ ପ୍ରେସ୍ କ୍ଲବ୍ ସଭାପତିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିବା ବେଳେ କୁନି କୁନି କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ଦର୍ଶକମାନେ କୁନି ନୃତ୍ୟଶିଳ୍ପୀଙ୍କ ନୃତ୍ୟରେ ଝୁମିଥିଲେ। ଏହି କାର୍ଯ୍ୟକ୍ରମକୁ ଚନ୍ଦ୍ରକାନ୍ତ ବରାଳ ପରିଚାଳନା କରିଥିଲେ।



## ପ୍ରାଚୀ ଘାଟରେ ବୌଦ୍ଧ ପୂର୍ଣ୍ଣିମା ସ୍ନାନ ମହୋତ୍ସବ

ଚାରିଛକ,୪।୫(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତିର ଜୀବନରେଖା ପବିତ୍ର ପ୍ରାଚୀନଦୀ ଅବବାହିକାର ବୌଦ୍ଧ ପୂର୍ଣ୍ଣିମା ସ୍ନାନଘାଟ ବଣବୁଡ଼ ସ୍ନାନ ଘାଟରେ ଶୁକ୍ରବାର ପ୍ରଭାତରୁ ପ୍ରାଚୀ ସ୍ନାନ ପାଇଁ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଛି। ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଆବାହକ ଭକ୍ତ ଜୟଦେବଙ୍କ ବଂଶଜ ତଥା ପ୍ରକୃତି ବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ମାର୍ଗଦର୍ଶନରେ ପରିଷଦର ସଦସ୍ୟମାନେ ଘାଟସ୍ଥଳରେ ସାମୂହିକ ଶ୍ରୀଗୀତଗୋବିନ୍ଦ ଗାୟନ ପୂର୍ବକ ନାମ ସଂକୀର୍ତ୍ତନ ସେବା ପ୍ରଦାନ ଓ ତୀର୍ଥ ମାହାତ୍ମ୍ୟ ଜଣାଇଛନ୍ତି। ପୁରାଣ ଦର୍ଶାନ୍ତି ଦେବର୍ଷି ନାରଦଙ୍କ ପରାମର୍ଶ ମାନି ଭଗବାନ ଶ୍ରୀରାମଚନ୍ଦ୍ର ପିତା ଦଶରଥଙ୍କୁ ବ୍ରହ୍ମହତ୍ୟା ପାପରୁ ମୁକ୍ତିକରି ବୈକୁଣ୍ଠ ବାସ ଦେବା ନିମନ୍ତେ ବୈଶାଖ ପୂର୍ଣ୍ଣିମା ପ୍ରଭାତରେ ପ୍ରାଚୀସ୍ନାନ, ରାମେଶ୍ୱର ଶମ୍ଭୁ ସ୍ଥାପନରେ ସମସ୍ତ ପୁଣ୍ୟ ପ୍ରେତଯୋନୀରେ ଥିବା ପିତା ଦଶରଥଙ୍କୁ ଦେଇ ମୁକ୍ତ କରାଇ ବୈକୁଣ୍ଠକୁ ପଠାଇଥିଲେ। ଇତିହାସ କହେ, କଳଙ୍କିତ କଳିଙ୍ଗ ଯୁଦ୍ଧ ପରେ ଅନୁତପ୍ତ ଚଣ୍ଡାଶୋକଙ୍କୁ ପ୍ରାଚୀତଟର ବୌଦ୍ଧଭିକ୍ଷୁ ଉପଗୁପ୍ତ ଏହି ଘାଟରେ ଉକ୍ତ ଦିନରେ ମଣ୍ଡନ ସ୍ନାନ କରାଇ ବୌଦ୍ଧଧର୍ମ ଦୀକ୍ଷା ଦେଇଥିଲେ। ଏଠାରେ ଅଶୋକ ବୌଦ୍ଧଧର୍ମକୁ ରାଷ୍ଟ୍ର ଧର୍ମ ଘୋଷଣା କରିବା ସହ ପ୍ରାଚୀସାଗର ପଥରେ ପୁତ୍ରକନ୍ୟାଙ୍କୁ ଶ୍ରୀଲଙ୍କା ପଠାଇ ବୌଦ୍ଧଧର୍ମକୁ ବିଶ୍ୱବ୍ୟାପକ କରାଇଥିଲେ। ସେହିପରି କଳିଙ୍ଗର ଦିଗ୍‌ବିଜୟ ସମ୍ରାଟ ଉକ୍ତ ଦିନ ଅଭିଷିକ୍ତ ହୋଇଥିଲେ। ଏଭଳି ଅନନ୍ୟ ସ୍ମୃତିକୁ ମନେରଖି ଅଗଣିତ ଶ୍ରଦ୍ଧାଳୁ ବୈଶାଖ ପୂର୍ଣ୍ଣିମା ଦିନ ପ୍ରାଚୀସ୍ନାନର ସୁଫଳ ନେଇଛନ୍ତି। ଏଭଳି ଅନେକ ଐତିହ୍ୟଭରା ତଥ୍ୟକୁ ସ୍ମରଣକରି ଆମ ସରକାର ଲୁଚି ହଜି ଯାଇଥିବା ପବିତ୍ର ପ୍ରାଚୀନଦୀ ଓ ପ୍ରାଚୀତଟର ସଭାମଣ୍ଡପ ଭଳି ବିଭିନ୍ନ ଐତିହ୍ୟ ଭରା ସ୍ମାରକୀ ସମୂହକୁ ସୁରକ୍ଷା ଦିଅନ୍ତୁ ଓ ବିକାଶ କରାନ୍ତୁ ଏହା ହିଁ ପ୍ରତ୍ୟେକ ଓଡ଼ିଆଙ୍କ ମନର କଥା।

## ଡେଲାଙ୍ଗରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ପଞ୍ଜୀକୃତ ହେଲେ ୯୨ ଭିନ୍ନକ୍ଷମ



ଡେଲାଙ୍ଗ,୪।୫(ସମିସ): ପୁରୀ ଜିଲ୍ଲା ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ଓ ଡେଲାଙ୍ଗ ପଞ୍ଚାୟତ ସମିତି ପକ୍ଷରୁ ସୋମବାର ସ୍ଥାନୀୟ ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାଦେବୀ ରାଉତରାୟ, ବିଡିଓ ସମୀର ବେହେରା, ଅତିରିକ୍ତ ବିଡିଓ ନୀଳଶୈଳ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ବାରିକ, ମହତାବ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦେବେନ୍ଦ୍ର ମଲ୍ଲିକ, ବ୍ଲକ୍ ସହକାରୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ପ୍ରଧାନ, ପ୍ରାକ୍ତନ ସରପଞ୍ଚ ଦୁର୍ଗାଚରଣ ରାଉତରାୟ ପ୍ରମୁଖଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଶିବିରରେ ୪୭ ଅସ୍ଥି ବାଧିତ, ୧୦ ଜଣ ମାନସିକ ଅନଗ୍ରସର, ୧୬ ଜଣ ଦୃଷ୍ଟି ବାଧିତ, ୧୧ ଜଣ କର୍ଣ୍ଣ, ନାସା, ଗଳା ବାଧିତ ଓ ୮ ଜଣ ଭେଷଜ ରୋଗୀଙ୍କୁ ମିଶାଇ ମୋଟ୍ ୯୨ ଜଣଙ୍କୁ ପରୀକ୍ଷା କରାଯାଇଥିଲା। ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଶେଷଜ୍ଞ ଡା. ଶୁଶିଲ କୁମାର ନାୟକ, ଡା. ରାହୁଲ ମହାନ୍ତି, ଡା. ନାରାୟଣ ବେହେରା, ଡା. ସମ୍ବିତ୍ ପାତ୍ର, ଡା. ଶୁଭ୍ରକାଳୀ ପରମଗୁରୁ, ଡା. ରବୀନ୍ଦ୍ର ଘଡ଼େଇ ଭିନ୍ନକ୍ଷମଙ୍କ ଆନୁପାତିକ ସାମର୍ଥ୍ୟ ପରୀକ୍ଷା କରିଥିଲେ। ଦିପୁନା ମହାନ୍ତି, ଚନ୍ଦନ ମହାନ୍ତି, ରାଜଶ୍ରୀ ମହାନ୍ତି, ରଶ୍ମିରଞ୍ଜନ ସାହୁ, ବର୍ଷା ମିଶ୍ର ପ୍ରମୁଖ ପରୀକ୍ଷାରେ ବିଶେଷଜ୍ଞ ଡାକ୍ତରଙ୍କୁ ସହାୟତା କରିଥିଲେ। ବ୍ଲକ୍ ସାମାଜିକ ସୁରକ୍ଷା ବିଭାଗ ସହାୟିକା ସୁଜାତା ଭୁଜବଳ, ବିଭାଗୀୟ ଅଧିକାରୀ ଆଶିଷ କୁମାର ପାତ୍ର, କର୍ମଚାରୀ ସୁଶାନ୍ତ ପଟ୍ଟନାୟକ ପ୍ରମୁଖ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ପଲ୍ଲୀ ମାଟିର କଥା ପୁସ୍ତକ ଉନ୍ମୋଚିତ

ସାକ୍ଷୀଗୋପାଳ,୪।୫(ସମିସ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋସ୍ଥିତ ପଣ୍ଡିତ ଗୋପବନ୍ଧୁଙ୍କ କୂଳଦେବତା ଶ୍ରୀଶ୍ରୀ ରାଧାବିନୋଦ ବିହାରୀ ଦେବଙ୍କ ପାଟଅଗଣା ପରିସରରେ ବରିଷ୍ଠ ସାମ୍ବାଦିକ ଧୀରେନ୍ଦ୍ର ନାଥ ଦାସଙ୍କ ଦ୍ୱାରା ଲିଖିତ ପଲ୍ଲୀ ମାଟିର କଥା ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସାରସ୍ୱତ ସଭାରେ ବହୁ ଜ୍ଞାନୀଗୁଣୀ ବ୍ୟକ୍ତି ଯୋଗଦେଇଥିଲେ। ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଠାକୁରଙ୍କ ନିକଟରେ ନଡ଼ିଆ ବାଢ଼େଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଲ୍‌ଆଣ୍ଡକେ ଲିମିଟେଡ୍‌ର କର୍ମଚାରୀ ରୋଜ୍ ବିୟୁଟି ନନ୍ଦ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ଦେବୀପ୍ରସାଦ ମହାପାତ୍ର ପୁସ୍ତକଟିର ବିଭିନ୍ନ ଭାଗ ଉପରେ ସମୀକ୍ଷା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବିଦ୍ୟାଧରପୁର ସରପଞ୍ଚ ଦୁଃଶାସନ ପ୍ରଧାନ, ନୀଳାଚଳ କୃଷକ ମହାସଂଘ ଉପଦେଷ୍ଟା କମିଟି ସଭାପତି ନିରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ଶ୍ରୀରାଧା ବିନୋଦ ବିହାରୀ ଦେବଙ୍କ ନିକଟରେ ପ୍ରଥମେ ଅତିଥିମାନେ ପୁସ୍ତକ ଅର୍ପଣ କରିବା ପରେ ତାହା ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ପାଇକରାୟ, ପ୍ରଫେସର ମଧୁସୂଦନ ମିଶ୍ର, ଗୋପବନ୍ଧୁ ସ୍ମୃତି ପରିଷଦ କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ଦାଶ, ସମାଜସେବୀ ନରହରି ସିଂହ, ପ୍ରାକ୍ତନ ଅଧିକାରୀ ଜ୍ଞାନେନ୍ଦ୍ର ନାଥ ଦାଶ, ପୂର୍ବତନ ଏମ୍‌ସିଏଲ୍ ବିଦ୍ୟୁତ୍ ବିଭାଗ ଅଧିକାରୀ ପ୍ରଦୀପ କୁମାର ରାଜଗୁରୁ, ବ୍ୟାଙ୍କ ଅଧିକାରୀ ସନ୍ତୋଷ କୁମାର ଦାଶ, ସମାଜସେବୀ ଦିବାକର ମହାପାତ୍ର, ରବୀନ୍ଦ୍ରନାଥ ଦାଶ, ପୂର୍ବତନ ସରପଞ୍ଚ ରଶ୍ମିତା ପ୍ରଧାନ, ପ୍ରାକ୍ତନ ଗ୍ରାମ୍ୟ ବ୍ୟାଙ୍କ ଚେୟାରମ୍ୟାନ୍ ଦ୍ୱାରକାନାଥ ଦାଶ, ପ୍ରଭାତୀ କୁମାରୀ ଦାଶ, ରବୀନ୍ଦ୍ର ସାହୁ, ନମିତା ଦାଶ ପ୍ରମୁଖ ଯୋଗଦେଇଥିଲେ। ସତ୍ୟବାଦୀ ବ୍ଲକ୍ କଳା ସାଂସ୍କୃତିକ ସଂଘ ଉପସଭାପତି ରମେଶଚନ୍ଦ୍ର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ସାମ୍ବାଦିକ ଧୀରେନ୍ଦ୍ର ନାଥ ଦାସ ସଭାରେ ଅଧ୍ୟକ୍ଷତା କରିଥିଲେ।



## ଧାରଣାରେ ଛାତ୍ରଛାତ୍ରୀ, କର୍ମଚାରୀ ଓ ଅଭିଭାବକ

# ଅଧ୍ୟକ୍ଷାଙ୍କ ବିରୋଧରେ ଜୋର୍ ଧରିଲା ଆନ୍ଦୋଳନ

ନୟାଗଡ଼,୪।୫(ସମିସ)

ନୟାଗଡ଼ ଜିଲ୍ଲା ଗଣିଆ ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ସଲୀଲା ସେଠୀଙ୍କ ବଦଳି ଦାବି ଜୋର ଧରିଛି। ଗତ ଶନିବାରଠାରୁ ବିଦ୍ୟାଳୟର ୧୨ କର୍ମଚାରୀ ଧାରଣା ଦେଇଛନ୍ତି। ଅଧ୍ୟକ୍ଷା ହଟାଅ, କଲେଜ ବଞ୍ଚାଅ ନାରା ସହ ପ୍ଲାକାର୍ଡ ପ୍ରଦର୍ଶନ କରି ବସି ରହିଛନ୍ତି। କର୍ମଚାରୀଙ୍କ ସହ ଛାତ୍ରଛାତ୍ରୀ ଓ ଅଭିଭାବକ ସାମିଲ ହୋଇଛନ୍ତି। ଏ ନେଇ ସେମାନେ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି କନ୍ଧମାଳ ସାଂସଦ, ଗଣଶିକ୍ଷା ମନ୍ତ୍ରୀ, ଶିକ୍ଷା ସଚିବ, ଜିଲ୍ଲାପାଳ, ପରିଚାଳନା କମିଟି ସଭାପତି ତଥା ଉପଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି। ସେମାନେ ୧୭ଟି ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ ଅଧ୍ୟକ୍ଷା କଲେଜ କର୍ମଚାରୀଙ୍କୁ ମାନସିକ ନିର୍ଯାତନା ଦେଉଛନ୍ତି। ଅଧ୍ୟକ୍ଷା କଲେଜର ସୁପରିନଟେଣ୍ଡେଣ୍ଟ ହୋଇଥିଲେ ମଧ୍ୟ ନିଜ ସ୍ୱାମୀ ଚଳାଉଥିବା ଆଡଭାନ୍ସ ଟ୍ୟୁଟୋରିଆଲରେ ପାଠ ପଢ଼ିବାକୁ ଛାତ୍ରଛାତ୍ରୀଙ୍କୁ ପ୍ରଲୋଭିତ କରୁଛନ୍ତି। ଇଣ୍ଟରନାଲ ମାର୍କ ଅଧିକ ଦେବା, କଲେଜର ସବୁ ସ୍ଥାନରେ ଅଡିଓ, ଭିଡିଓ ସିସିଟିଭି ଲଗାଇଥିବା ବେଳେ ତାଙ୍କ ଅଫିସ ଭିତରେ କେବଳ ଭିଡିଓ ସିସିଟିଭି ଲଗାଇ କର୍ମଚାରୀଙ୍କୁ ଗାଳିଗୁଲଜ କରିବା, କିରାଣିଙ୍କୁ ଧମକ ଦେଇ ଅଫିସ କାଗଜପତ୍ର ନିଜ ପାଖରେ ରଖିବା, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ କୋର୍ଟ ପେପରରେ ଦସ୍ତଖତ କରି ଦରମା ପ୍ରଦାନ କରିବା, କର୍ମଚାରୀଙ୍କୁ ବାରମ୍ବାର ଥାନା ଦ୍ୱାରସ୍ଥ କରିବା, କଲେଜର ସହକାରୀ ଲାଇବ୍ରେରିଆନଙ୍କୁ ହାତକରି ମିଛ ଭାଉଚର ଯୋଡ଼ି କଲେଜ ଅର୍ଥ ଖର୍ଚ୍ଚ କରିବା, କର୍ମଚାରୀଙ୍କଠାରୁ ଗତବର୍ଷ ସେପ୍ଟେମ୍ବର ମାସରୁ ଅଦ୍ୟାବଧି ଦରମାରୁ ସରକାରଙ୍କ ବିନା ନିର୍ଦ୍ଦେଶରେ ଇପିଏଫ ପାଇଁ ଟଙ୍କା କାଟିବା, ନିଜେ ଇଂରାଜୀ ଅଧ୍ୟାପିକା ହୋଇ ମଧ୍ୟ କ୍ଲାସ ନ କରିବା, ଅଭିଭାବକ ବୈଠକରେ ଅଳ୍ପ ଆସିଥିଲେ ମଧ୍ୟ ମିଛ ଭାଉଚର କରି ଅଧିକ ଯୋଗ ଦେଉଛନ୍ତି ବୋଲି ଦର୍ଶାଇବା, ଗତବର୍ଷ ବାର୍ଷିକ ପରୀକ୍ଷାରେ ରସିଦ ମାଧ୍ୟମରେ ୨ ଶହ ଟଙ୍କା ଆଦାୟ କରିବା, ଦରମା ଠିକରେ ନ ଦେବା, କଲେଜର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବିରୋଧରେ ମିଥ୍ୟା ଜାତିଆଣ ଆକ୍ଷେପ ଅଭିଯୋଗ କରି ତାଙ୍କୁ ଡେପୁଟେସନରେ ଅନ୍ୟତ୍ର ପଠାଇବା, କ୍ରୀଡ଼ା ଶିକ୍ଷକ ଏବଂ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବାର୍ଷିକ ଇନକ୍ରିମେଣ୍ଟ ବନ୍ଦ କରିବା, ଦୁଇଟି ଇଚ୍ଛାଧୀନ ବିଷୟକୁ ଚଳିତ ଶିକ୍ଷାବର୍ଷରୁ ବନ୍ଦ କରିବା ପାଇଁ ଆବେଦନ କରିବା, କଲେଜର ସମସ୍ତ ସାମଗ୍ରୀ କର୍ମଚାରୀଙ୍କୁ ନ ଜଣାଇ ସ୍ୱାମୀଙ୍କ ହାତରେ କିଣିବା, ବାର୍ଷିକ ପରୀକ୍ଷାରେ କଲେଜରେ କର୍ମଚାରୀ ଥିଲେ ମଧ୍ୟ ବାହାରୁ ଶିକ୍ଷକ ଆଣିବା ଭଳି ଅନେକ ଅଭିଯୋଗ ଅଧ୍ୟକ୍ଷାଙ୍କ ବିରୋଧରେ ସେମାନେ କରିଛନ୍ତି। ସୋମବାରଠାରୁ ଗଣିଆ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଖିଳ କୁମାର ହୋତାଙ୍କ ସହ ସମସ୍ତ ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନେ ମଧ୍ୟ ଯୁକ୍ତ ଦୁଇ ଅଧ୍ୟକ୍ଷାଙ୍କ ବିରୋଧରେ କଲେଜ ସମ୍ମୁଖରେ ଧାରଣାରେ ବସିଥିଲେ। ଗଣିଆରେ ଦୀର୍ଘ ୩୫ ବର୍ଷ ଧରି ଗୋଟିଏ କ୍ୟାମ୍ପସ ଭିତରେ ଦୁଇଟି କଲେଜ ଥିଲେ ମଧ୍ୟ ଅଧ୍ୟକ୍ଷାଙ୍କ କ୍ୟାମ୍ପସ ଭିତରେ ଚାଲିଥିବା ଡିଗ୍ରୀ ମହାବିଦ୍ୟାଳୟର କାର୍ଯ୍ୟାଳୟରେ ତାଲା ପକାଇବା ସହ ଏଇଟା ମୋ କଲେଜ ବୋଲି କହିଥିଲେ। ମହାବିଦ୍ୟାଳୟ ତରଫରୁ ପ୍ରତିନିଧି ମଣ୍ଡଳୀ ଯାଇ ତାଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଫଳରେ ସେମାନେ ମଧ୍ୟ ଆନ୍ଦୋଳନ ଆରମ୍ଭ କରିଛନ୍ତି। ମଙ୍ଗଳବାରଠାରୁ ଏହି ଆନ୍ଦୋଳନ ଉଗ୍ରରୂପ ନେବ ବୋଲି ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ କର୍ମଚାରୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମତାମତ ପାଇଁ କଲେଜ ଅଧ୍ୟକ୍ଷା ସଲୀଲା ସେଠୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନାହାନ୍ତି।



- ଚାପରେ କଲେଜ କର୍ମଚାରୀ, ବଦଳି ଦାବି
- ଗଣିଆରେ କୁହୁଳୁଛି ଅସନ୍ତୋଷ, ପ୍ରଶାସନ ନିରବ

### ଏମାନେ ଯାହା କୁହନ୍ତି...



● ମହାବିଦ୍ୟାଳୟରେ ଚାଲିଥିବା ଅଚଳାବସ୍ଥା ପାଇଁ ଯୁକ୍ତଦୁଇ ଅଧ୍ୟକ୍ଷା ହିଁ ଦାୟୀ। ଦୀର୍ଘ ୩୫ ବର୍ଷ ଧରି ଏହି କଲେଜରେ ଉଭୟ ଯୁକ୍ତଦୁଇ ଏବଂ ଡିଗ୍ରୀ ମହାବିଦ୍ୟାଳୟ ସହମତିରେ ଚାଲିଥିଲେ ମଧ୍ୟ ବର୍ତ୍ତମାନର ଅଧ୍ୟକ୍ଷା ମନମାନି କରୁଛନ୍ତି। ଆମର ଜଣେ କିରାଣି ବସୁଥିବା କାର୍ଯ୍ୟାଳୟରେ ତାଲା ପକାଇ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି।

ଅଖିଳ କୁମାର ହୋତା, ଅଧ୍ୟକ୍ଷ, ଡିଗ୍ରୀ ମହାବିଦ୍ୟାଳୟ



● ଅଧ୍ୟକ୍ଷା ସଲିଲା ସେଠୀ ଦାୟିତ୍ୱ ନେବା ଦିନଠାରୁ କଲେଜରେ ବିଶୃଙ୍ଖଳା ଲାଗି ରହିଛି। କର୍ମଚାରୀମାନେ ମାନସିକ ନିର୍ଯାତନା ଭୋଗୁଛନ୍ତି। ଆମେ ବାରମ୍ବାର ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ବାଧ୍ୟ ହୋଇ ଧାରଣାରେ ବସିଛୁ।

ତାରିଣୀ ପ୍ରସାଦ ଆଚାର୍ଯ୍ୟ, ଇତିହାସ ଅଧ୍ୟାପକ



● ଅଧ୍ୟକ୍ଷାଙ୍କ ବଦଳି ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। କୌଣସି କାରଣ ନ ଥାଇ ଅଧ୍ୟକ୍ଷା ମୋ ଇନକ୍ରିମେଣ୍ଟ ବନ୍ଦ କରିଛନ୍ତି। ପଚାରିବାରୁ ମତେ ଧମକ ଦେଇ କଲେଜରୁ ତଡ଼ିବା ଭଳି ବ୍ୟବହାର କରୁଛନ୍ତି। ଏଠି ଆମର ସ୍ୱାଧୀନତା ବୋଲି କିଛି ନାହିଁ। କଥା କଥାକେ ସୋ-କଜ୍ ମାଗିବା ସହ ଦରମା ବନ୍ଦ କରିବାକୁ ଧମକ ଦେଉଛନ୍ତି।

ଶେଷଦେବ ରାଉତ, କ୍ରୀଡ଼ା ଶିକ୍ଷକ

● ବିଶ୍ୱ ହାସ୍ୟ ଦିବସ

## ଡ. କୁଳାଙ୍ଗାରଙ୍କୁ ଉତ୍କଳ ଘଣ୍ଟ ହାସ୍ୟରସିକ ଉପାୟନ



ନୟାଗଡ଼,୪।୫(ସମିସ): ମେ ମାସ ପ୍ରଥମ ରବିବାରକୁ ବିଶ୍ୱହାସ୍ୟ ଦିବସ ରୂପେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲ୍ଲା ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ପକ୍ଷରୁ ବିଶ୍ୱ ହାସ୍ୟ ଦିବସ ଧୁମଧାମରେ ପାଳିତ ହୋଇଛି। ନୟାଗଡ଼ ପୁରୁଣା ସହରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସାମନା ଯଦୁମଣି ମଣ୍ଡପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଏବଂ ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ଚଳଚ୍ଚିତ୍ର ଜଗତର ଲୋକପ୍ରିୟ କଳାକାର ଅଶ୍ରୁମୋଚନ ମହାନ୍ତି ଯୋଗ ଦେଇ ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବ୍ୟଙ୍ଗ କବି ଜ୍ଞାନ ହୋତା, ବୋଲଗଡ଼ ଏକ୍ସପ୍ରେସ ବ୍ରଜ ସୁବୁଦ୍ଧି, ଡ. କୁଳାଙ୍ଗାର, ଶ୍ରୀଯୁକ୍ତ ସତ୍ୟାନାଶ, ରବୀନ୍ଦ୍ର ରାଉତ, ବିଭୁ ମିଶ୍ର, ସଚ୍ଚିକାନ୍ତ ବେହେରା, ପ୍ରତାପ ସାହୁ ଏବଂ ରବୀନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ବ୍ୟଙ୍ଗକବି ଯୋଗଦେଇଥିଲେ। ବ୍ୟଙ୍ଗ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତ ବର୍ଷ ଉତ୍କଳ ଘଣ୍ଟ ହାସ୍ୟ ରସିକ ଉପାୟନ ବ୍ୟଙ୍ଗବାଗୀଶ ଡ. କୁଳାଙ୍ଗାରଙ୍କୁ ପ୍ରଦାନ କରାଯାଇଛି। ତାଙ୍କୁ ୨୧ ହଜାର ଟଙ୍କା ପୁରସ୍କାର ରାଶି, ଉପଢୌକନ ଏବଂ ମାନପତ୍ର ଦେଇ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅନୁରୂପ ଭାବେ ଅନ୍ୟ ହାସ୍ୟ କଳାକାରଙ୍କୁ ମଧ୍ୟ ଉପଢୌକନ ଏବଂ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁଷ୍ଠାନର ସମ୍ପାଦକ ନିର୍ମଳ ଶୁରଦେଓ ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିବା ବେଳେ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ଶେଖ ଅବଦୁଲ ଖାଲିକ, କବି ଅଶୋକ ମଲ୍ଲ, ଲକ୍ଷ୍ମୀଧର ସାହୁ ପ୍ରମୁଖ ସହଯୋଗ କରିଥିଲେ। ହସିବା ଦ୍ୱାରା ଶରୀର ଓ ମନ ସୁସ୍ଥ ରହେ। ପ୍ରତ୍ୟେକ ମଣିଷ ନିଜେ ହସିବା ସହ ଅନ୍ୟମାନଙ୍କୁ ହସାଇବା ଆବଶ୍ୟକ। ନୟାଗଡ଼ ମାଟି ବ୍ୟଙ୍ଗ ସାହିତ୍ୟର ମାଟି ଏବଂ ଏଠାରେ ବ୍ୟଙ୍ଗକବି ତଥା ଉତ୍କଳଘଣ୍ଟ ଯଦୁମଣି ସମଗ୍ର ରାଜ୍ୟ ତଥା ଦେଶରେ ପ୍ରସିଦ୍ଧି ଅର୍ଜନ କରିଥିବା ବେଳେ ତାଙ୍କ କୃତି ନୟାଗଡ଼ ପାଇଁ ଗୌରବ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବ୍ୟଙ୍ଗକବି ଓ ହାସ୍ୟ ଅଭିନେତାମାନେ ଦର୍ଶକଙ୍କୁ ବିଭିନ୍ନ ବ୍ୟଙ୍ଗ ଓ ଅଭିନୟ ଦ୍ୱାରା ହସାଇ ହସାଇ ବେଦମ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ସାମ୍ବାଦିକ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ତାଲା କାଟି ବିଦ୍ୟାଳୟରୁ ପାଣି ପମ୍ପ ଚୋରି

ଗଣିଆ,୪।୫(ସମିସ): ଗଣିଆ ବ୍ଲକ କରଡ଼ାପଡ଼ା ପଞ୍ଚାୟତ ତଅଁଳା ନୂଆଗାଁ ପ୍ରାଥମିକ ବିଦ୍ୟାଳୟରୁ ଗ୍ରୀଲ୍ ତାଲା କାଟି ପାଣି ପମ୍ପ ଓ ପ୍ଲାଷ୍ଟିକ ଚୌକି ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷୟତ୍ରୀ ମିନତି ସିଂ ସୋମବାର ବିଦ୍ୟାଳୟକୁ ଯାଇଥିବା ବେଳେ ପାଣି ପମ୍ପ ଥିବା ଘରର ଗ୍ରୀଲ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଭିତରକୁ ଯାଇ ଦେଖିଲା ବେଳକୁ ସେଠାରେ ଥିବା ପାଣି ପମ୍ପ ନ ଥିଲା। ବିଦ୍ୟାଳୟରେ ପାନୀୟ ଜଳ ସୁବିଧା ନ ଥିବାରୁ ପ୍ରଧାନଶିକ୍ଷୟତ୍ରୀ ଗାଁକୁ ଆସୁଥିବା ପାଇପ ପାଣିରେ ମୋଟର ଲଗାଇ ମଧ୍ୟାହ୍ନ ଭୋଜନଠାରୁ ଆରମ୍ଭ କରି ଅନ୍ୟ କାର୍ଯ୍ୟ ପାଇଁ ପାଣି ନେଉଥିଲେ। ତେବେ ବିଦ୍ୟାଳୟ ଚାରିପଟେ ପାଚେରି ନ ଥିବାରୁ ଦୁର୍ବୃତ୍ତ ସହଜରେ ଚୋରି କରିଥିବା ଜଣାପଡ଼ିଛି। ଅଭିଭାବକ ଏବଂ ଗ୍ରାମବାସୀ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷୟତ୍ରୀଙ୍କ ସହ ଏ ନେଇ ଆଲୋଚନା କରିଛନ୍ତି। ବିଦ୍ୟାଳୟର ପାଚେରି ନ ଥିବା ତଥା



ଏକ ନିକାଞ୍ଚନ ସ୍ଥାନରେ ବିଦ୍ୟାଳୟ ଥିବାରୁ ଚୋରି ହୋଇଥିବା ଆଲୋଚନା ହୋଇଥିଲା। ତେବେ ସ୍ଥାନୀୟ ଲୋକେ ଏହି ଚୋରିରେ ସମ୍ପୃକ୍ତ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

## ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ନୟାଗଡ଼,୪।୫(ସମିସ): ନୟାଗଡ଼ ବନଖଣ୍ଡର ମହିପୁର ବନାଞ୍ଚଳ ଅନ୍ତର୍ଗତ ନୂଆଗାଁ ବ୍ଲକର ଆଦିବାସୀ ବହୁଳ ଗୁମୀ ସେକ୍ସନ ବରକୋଳା ଡିହସାହିରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସବୁଦିନ ଭଳି ଆଜି ସକାଳେ ଗ୍ରାମର ଅନ୍ୟାନ୍ୟ ମହିଳାଙ୍କ ସହିତ ବରକୋଳା ଡିହସାହିର ତିଲୋତ୍ତମା ପ୍ରଧାନ କାଜୁ ତୋଳିବା ପାଇଁ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ଏକ ଜଙ୍ଗଲୀ ହାତୀ ହଠାତ୍ ସେମାନଙ୍କୁ ଆକ୍ରମଣ କରିଥିଲା। ଘଟଣା ଦେଖି ସାଙ୍ଗରେ ଥିବା ଅନ୍ୟ ମହିଳାମାନେ ଭୟରେ ସ୍ଥଳ ଛାଡ଼ି ପଳାଇ ଯାଇଥିଲେ, କିନ୍ତୁ ତିଲୋତ୍ତମା ହାତୀର କବଳରୁ ଉଦ୍ଧାର ପାଇ ପାରିନଥିଲେ। ଫଳସ୍ୱରୂପ, ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଗ୍ରାମବାସୀ ଏହା ସମ୍ବନ୍ଧରେ ପୁଲିସ ଓ ବନବିଭାଗକୁ ସୂଚନା ଦେଇଥିଲେ। ଖବରପାଇ ମହିପୁର ବନାଞ୍ଚଳ ଅଧିକାରୀ ତଥା ଏସିଏଫ ଅମ୍ରିତ କୁମାର ସାହୁ, ଗୁମୀ ବନପାଳ ପବିତ୍ର କୁମାର ପରିଡ଼ା ଓ ବାହାଡ଼ାଝୋଲା ଫାଣ୍ଡି ପୁଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଦୁଃଖଦ ଘଟଣା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗରିବ ଓ ଅସହାୟ ପରିବାରକୁ ଶୀଘ୍ର ଆର୍ଥିକ ସହାୟତା ଯୋଗାଇବା ପାଇଁ ସ୍ଥାନୀୟ ଲୋକମାନେ ପ୍ରଶାସନଙ୍କୁ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦିଆଯିବା ନେଇ ବନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

## ଜିଲ୍ଲାପାଳଙ୍କ ଦ୍ୱାରା ଜିଲ୍ଲା ଟପ୍ପର ସମ୍ବର୍ଦ୍ଧିତ

ନୟାଗଡ଼,୪।୫(ସମିସ): ମାଟ୍ରିକ ପରୀକ୍ଷାରେ ନୟାଗଡ଼ ଜିଲ୍ଲା ଟପ୍ପର ସରୋଜ କୁମାର ଜେନାଙ୍କୁ ସୋମବାର ଜିଲ୍ଲାପାଳ ମଧୁମିତା ରଥ ସମ୍ବର୍ଦ୍ଧିତ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ପତି, ଶିକ୍ଷକ ପଞ୍ଚାନନ ତ୍ରିପାଠୀ ଏବଂ ସିଆରସିସିଙ୍କ ଉପସ୍ଥିତିରେ ଜିଲ୍ଲାପାଳ ସରୋଜଙ୍କୁ ସମ୍ବର୍ଦ୍ଧିତ କରିବା ସହ କିଛି ଉପହାର ଦେଇଛନ୍ତି। ନୟାଗଡ଼ ସଦର ବ୍ଲକ କ୍ରିଦାଶପୁର ପଞ୍ଚାୟତରେ ଅବସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ସ୍ଥାନୀୟ ଲୋକଙ୍କ ସହଯୋଗରେ ୧୯୯୨ରେ ପ୍ରତିଷ୍ଠା ହୋଇଥିଲା। ୩୪ ବର୍ଷ ମଧ୍ୟରେ ବିଦ୍ୟାଳୟ ସରକାରୀ ମାନ୍ୟତା ପାଇପାରି ନ ଥିବା ବେଳେ ୨୦୦୪ରେ ବ୍ଲକ ଗ୍ରାଣ୍ଟ ପାଇଥିଲା। ବିଦ୍ୟାଳୟ ନିର୍ମାଣ ସମୟରେ ନିଯୁକ୍ତି ପାଇଥିବା ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରୁ ଜଣେ ଶିକ୍ଷକ, ଜଣେ କିରାଣି ଓ ଜଣେ ରାତ୍ର ଜଗୁଆଳ ଅବସର ଗ୍ରହଣ କରି ସାରିଲେଣି। ବିଦ୍ୟାଳୟରେ ୨ ଶିକ୍ଷକ, ଜଣେ କିରାଣିଙ୍କ ଆବଶ୍ୟକତା ଥିବା ବେଳେ ନାନା ସମସ୍ୟା ମଧ୍ୟରେ ବିଦ୍ୟାଳୟ ଚାଲୁଛି। ବ୍ଲକଗ୍ରାଣ୍ଟ ବିଦ୍ୟାଳୟ ହୋଇଥିବାରୁ ସରକାରୀ ଅନୁଦାନ ଦୂର କଥା ସାମାନ୍ୟ ବିଦ୍ୟୁତ୍ ବିଲ୍ ପ୍ରଦାନ ଓ କମ୍ପ୍ୟୁଟର ପାଇଁ ଶିକ୍ଷକମାନେ ସମସ୍ୟା ଭୋଗୁଛନ୍ତି। ସମସ୍ୟା ଭିତରେ ଜର୍ଜରିତ ଏହି ବିଦ୍ୟାଳୟ ପ୍ରତ୍ୟେକ ବର୍ଷ ଭଲ ପରୀକ୍ଷା ଫଳ ଦେଉଥିବା ବେଳେ ଚଳିତ ବର୍ଷ ଜିଲ୍ଲା ଟପ୍ପର ଦେଇଛି। ବିଦ୍ୟାଳୟର ଛାତ୍ର ସରୋଜ କୁମାର ଜେନା ୫୭୨ ମାର୍କ ରଖି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। କ୍ରିଦାଶପୁର ପଞ୍ଚାୟତ କୋସକା ଗ୍ରାମର ସରୋଜ ବାପ ଛେଉଣ୍ଡ ପିଲା। ତାଙ୍କ ବାପା ଗଦାଧର ଜେନା ଏକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ମାଆ ଜସ୍ମିନୀ ଜେନାଙ୍କ କୋଳରେ ସେ ବଢ଼ିଥିବା ବେଳେ ଜେଜେବାପା ବିନାୟକ ଜେନା ତାଙ୍କ ପାଠପଢ଼ାଠାରୁ ଆରମ୍ଭ କରି ସବୁ ଦାୟିତ୍ୱ ନିର୍ବାହ କରୁଛନ୍ତି।



## ବୈଦିକ ବ୍ରାହ୍ମଣ ସମାଜର ସାଧାରଣ ବୈଠକ



ଓଡ଼ଗାଁ,୪।୫(ସମିସ): ଓଡ଼ଗାଁ ବୈଦିକ ବ୍ରାହ୍ମଣ ସମାଜର ବାର୍ଷିକ ସାଧାରଣ ବୈଠକ ରବିବାର ସନ୍ଧ୍ୟାରେ ସ୍ଥାନୀୟ ବ୍ଲକ ରୋଡ୍‌ସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ସମାଜର ସଭାପତି ଶରତ ଚନ୍ଦ୍ର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସଭ୍ୟ ତଥା ମନ୍ଦିର ପରିଚ୍ଛା ହରିହର ଷଡ଼ଙ୍ଗୀ ମଙ୍ଗଳାଚରଣ ପାଠ କରି ସମାଜର ମଙ୍ଗଳ କାମନା କରିଥିଲେ। ସମ୍ପାଦକ ଫକିର ମୋହନ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବୈଠକରେ ପୁରୁଷୋତ୍ତମ ମାସ ଶୁକ୍ଳ ଓ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଶ୍ରୀରଘୁନାଥଜୀଉ ମନ୍ଦିରରେ ସମାଜର ସଦସ୍ୟମାନଙ୍କ ଦ୍ୱାରା ବିଷ୍ଣୁ ସହସ୍ରନାମ ଓ ଗୀତାପାଠ ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ବର୍ଷକ ମଧ୍ୟରେ ଅନ୍ୟୂନ ଚାରିଟି ସାଧାରଣ ବୈଠକ ଆୟୋଜନ କରିବା ସହ ଗରିବ ବୈଦିକ ବ୍ରାହ୍ମଣ ପରିବାରକୁ ଚିହ୍ନଟ କରି ସମାଜ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ଶେଷରେ ପ୍ରଭୁଙ୍କୁ ଅର୍ପିତ ଶଙ୍କୁଡ଼ି ଭୋଗ ସେବନ କରାଯାଇଥିଲା। ବରିଷ୍ଠ ସଦସ୍ୟ ଭାଗୀରଥି କର ଧନ୍ୟବାଦ ଅର୍ପଣ କରିଥିଲେ।

## ଚାକିରି ଭାପୁରରେ, ଡ୍ୟୁଟି ମନ୍ତ୍ରୀଙ୍କ ଅଫିସରେ

ଭାପୁର,୪।୫(ସମିସ): ନୟାଗଡ଼ ଜିଲ୍ଲାର ଭାପୁର ବ୍ଲକ ଏକ ସମ୍ବେଦନଶୀଳ ଓ ବୃହତ ବ୍ଲକ ଭାବେ ପରିଚିତ। ମାତ୍ର ଭାପୁର ବ୍ଲକ ଏବିଡିଓ ଦୀର୍ଘଦିନ ହେଲା ଡେପୁଟେସନରେ ଭୁବନେଶ୍ୱର ଯାଇ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ଦ୍ୱାରା ଏଠାରେ ଉକ୍ତ ପଦବୀ ଖାଲି ରହିଛି। ନା ଡେପୁଟେସନରେ ଯାଇଥିବା ଅଧିକାରୀ ଭାପୁର ଫେରୁଛନ୍ତି ନା ସରକାରୀ ଭାବେ ପଦବୀ ଖାଲି ହେଉଛି। ପଦବୀ ଖାଲି ନ ଥିବାରୁ ଏହା ପୂରଣ ହୋଇପାରୁ ନାହିଁ। ଭାପୁର ବ୍ଲକରେ ପୂର୍ବରୁ ଏବିଡିଓ ଥିବା ସରୋଜ କୁମାର ନାୟକ ଗତ ସାଧାରଣ ନିର୍ବାଚନ ପରଠାରୁ ଭୁବନେଶ୍ୱର ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦପ୍ତରରକୁ ଡେପୁଟେସନରେ ଯାଇଛନ୍ତି। ସେବେଠାରୁ ଭାପୁର ବ୍ଲକ ଏବିଡିଓ ପଦବୀ ଖାଲି ରହିଛି। ଜଣେ ଦକ୍ଷ ଓ ସଚ୍ଚୋଟ ଅଧିକାରୀ ଭାବେ ନାୟକଙ୍କ ସୁନାମ ରହିଛି। ମନ୍ତ୍ରୀ ଏଭଳି ଅଧିକାରୀଙ୍କୁ ତାଙ୍କ ଅଫିସରେ ରଖିବାରେ ଭାପୁର ଜନସାଧାରଣଙ୍କର କୌଣସି ଆପତ୍ତି ନାହିଁ। ମାତ୍ର ତାଙ୍କ ଡେପୁଟେସନକୁ ସବୁଦିନିଆ ବଦଳି ଭାବେ ଅର୍ଡର କରି ସରକାରୀ ଭାବେ ଭାପୁର ଏବିଡିଓ ପଦବୀ ଖାଲି କଲେ ଭାପୁରକୁ ନୂତନ ଏବିଡିଓ ମିଳିପାରନ୍ତା। ଯାହାଦ୍ୱାରା ବ୍ଲକରେ ପ୍ରଶାସନିକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି।

● ରଙ୍ଗଣୀପାଟଣା ରାଧାକୃଷ୍ଣଜୀଉଙ୍କ ମନ୍ଦିର ପ୍ରତିଷ୍ଠା

## କଳସ ଯାତ୍ରା, ୨୪ ପ୍ରହର ନାମଯଜ୍ଞ ଶୁଭାରମ୍ଭ



ଓଡ଼ଗାଁ,୪।୫(ସମିସ): ଓଡ଼ଗାଁ ବ୍ଲକ ରଙ୍ଗଣୀପାଟଣା ରାଧାକୃଷ୍ଣଜୀଉଙ୍କ ମନ୍ଦିର ପ୍ରତିଷ୍ଠା ନିମନ୍ତେ ୧୦୮ କଳସ ଯାତ୍ରା ସହ ୨୪ ପ୍ରହର ନାମଯଜ୍ଞ ଶୁଭାରମ୍ଭ ହୋଇଛି। ରବିବାର ମଧ୍ୟରାତ୍ରରୁ ନାମଯଜ୍ଞ ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଉଛି। ସୋମବାର ସକାଳେ ୧୦୮ ମହିଳା କଳସ ଧାରଣ କରି ଗ୍ରାମ ପରିକ୍ରମା କରିଥିଲେ। ଗାଁର ପ୍ରତ୍ୟେକ ପରିବାର ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ସେମାନଙ୍କୁ ସ୍ୱାଗତ କରାଯାଇଥିଲା। କଳସ ଯଜ୍ଞ ବେଦିରେ ସ୍ଥାପନ କରାଯାଇଥିଲା। ବୈଦିକ ପଣ୍ଡିତ ସତ୍ୟନାରାୟଣ ଷଡ଼ଙ୍ଗୀ, ଦୁର୍ଗାମାଧବ ଷଡ଼ଙ୍ଗୀ, ଶାନ୍ତନୁ କୁମାର ଦାଶ, ଲଡୁକିଶୋର ରଥ ପ୍ରମୁଖ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ କରିଥିଲେ। ମନ୍ଦିର ପରିଚାଳନା କମିଟି କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ବୀରେନ୍ଦ୍ର ସାହୁ, କୈଳାସ ପାତ୍ର ପ୍ରମୁଖ ସହଯୋଗ କରୁଛନ୍ତି। ଆସନ୍ତା ୬ ତାରିଖ ଅପରାହ୍ନରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର




ନୟାଗଡ଼,୪।୫(ସମିସ): ନୟାଗଡ଼ ଜିଲ୍ଲାପାଳ ଓ ଏସ୍ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ନୟାଗଡ଼ ସଦରମହକୁମାରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ଏସ୍ପି ଏସ୍ ସୁଶ୍ରୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଶୁଣାଣି କରିଥିଲେ। ଆଜିର ଜନଶୁଣାଣି ଶିବିରରେ ମୋଟ ୧୧୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ବ୍ୟକ୍ତିଗତ ଭାବେ ୧୦୫ଟି ଅଭିଯୋଗ ରହିଥିଲା। ୩ଟି ଗ୍ରାମ୍ୟ ସମସ୍ୟା, ମୁଖ୍ୟମନ୍ତ୍ରୀ ରିଲିଫ ଫାଣ୍ଡି ସମ୍ପର୍କିତ ୭ଟି ଅଭିଯୋଗ ଶୁଣାଣି କରାଯାଇଥିଲା। ୩୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ସୂଚନା ମିଳିଛି। ଏହି ଜନଶୁଣାଣିରେ ଜିଲ୍ଲାର ସମସ୍ତ ବିଭାଗ ଅଧିକାରୀଙ୍କ ସହ ନୟାଗଡ଼ ବିଡିଓ ଐଶୋର୍ଯ୍ୟା ଭୂୟାଁ, ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ନୟାଗଡ଼ ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ।

**ପୌର ପରିଷଦରେ ଅଚଳାବସ୍ଥା ଓ ମନମାନି ଘଟଣା**

## ୬ରେ ତଦନ୍ତ କରିବେ ସିଡିଓ

ନୟାଗଡ଼,୪।୫(ସମିସ)

ନୟାଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ମନମାନି ଏବଂ ପୌର ପରିଷଦରେ ଅଚଳାବସ୍ଥା ଲାଗି ରହିଛି। ଅଧ୍ୟକ୍ଷା ଓ କାଉନସିଲରମାନେ ଜିଲ୍ଲାପାଳଙ୍କୁ ଭେଟି ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଡୁଡା ଅଧ୍ୟକ୍ଷ ଲଗ୍ନଜିତ ରାଉତ ଆସନ୍ତା ୬ ତାରିଖ ତଦନ୍ତ କରିବେ ବୋଲି ସୂଚନା ଦେଇଛନ୍ତି।

ନିର୍ବାହୀ ଅଧିକାରୀଙ୍କ ମନମାନି ପାଇଁ ନୟାଗଡ଼ ବିକାଶ ବାଧାପ୍ରାପ୍ତ ହୋଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ସହର ଅବହେଳିତ ହେବାକୁ ବସିଛି। କାଉନସିଲରଙ୍କୁ ଦୁର୍ବ୍ୟବହାର ଏବଂ ଅଧ୍ୟକ୍ଷାଙ୍କ ସହ ନିର୍ବାହୀ ଅଧିକାରୀଙ୍କ ବିବାଦ ଦିନକୁ ଦିନ ଘନୀଭୂତ ହେଉଛି। ଯାହାକୁ ନେଇ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ସମସ୍ତ କାଉନସିଲର ଓ ଅଧ୍ୟକ୍ଷା ଜିଲ୍ଲାପାଳଙ୍କୁ ଫେରାଦ ହୋଇଥିଲେ। ପୂର୍ବ ବୈଠକର ରିଜୋଲ୍ୟୁସନ୍ କପି ପ୍ରଦାନ ନ କରି ପାରିଷଦ ବୈଠକ ଡକାଯିବାକୁ ନେଇ ପ୍ରଶ୍ନ ଉଠିଥିଲା। ଏଭଳି ସ୍ଥିତିରେ ଅଧ୍ୟକ୍ଷା ଓ କାଉନସିଲରମାନେ ନିର୍ବାହୀ ଅଧିକାରୀଙ୍କୁ ନେଇ ନୟାଗଡ଼ ବିକାଶ ଅସମ୍ଭବ ବୋଲି ମତ ଦେଲେଣି। ନୟାଗଡ଼ ସହରବାସୀ ଦୀର୍ଘଦିନ ତଳୁ ନିର୍ବାହୀ ଅଧିକାରୀଙ୍କ ସମ୍ପର୍କରେ ବାରମ୍ବାର ଅଭିଯୋଗ କରି ଆସୁଥିବା ବେଳେ ତାଙ୍କୁ କିଛି କାଉନସିଲର ଓ ରାଜନୈତିକ ବ୍ୟକ୍ତି ସୁରକ୍ଷା ଦେଇ ଆସୁଥିଲେ। ଏବେ ପରିସ୍ଥିତି ଜଟିଳ ହେବାରୁ ସମସ୍ତଙ୍କ ସ୍ୱର ଗୋଟିଏ ବିନ୍ଦୁରେ ପହଞ୍ଚିଛି। ନୟାଗଡ଼ ଉନ୍ନତି ପାଇଁ ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ବଦଳି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

ନିର୍ବାହୀ ଅଧିକାରୀ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକୁ ମଧ୍ୟ ଅଣଦେଖା କରୁଛନ୍ତି। ନୟାଗଡ଼ ପାଠାଗାର, ପଠାଣି ସାମନ୍ତ ପ୍ରେକ୍ଷାଳୟ ଭଳି ପୌର ପରିଷଦ ଅଧୀନରେ ଥିବା ଅନେକ ପ୍ରକଳ୍ପର ରକ୍ଷଣାବେକ୍ଷଣ ମଧ୍ୟ ଠିକ ଭାବେ ହୋଇପାରୁନାହିଁ। ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆମ ପୋଖରୀ ଯୋଜନା ଟଙ୍କା ପଡ଼ିରହିଛି। ନୂତନ ସଫେଇ କର୍ମଚାରୀ ନିଯୁକ୍ତିରେ ବ୍ୟାପକ ଅର୍ଥ କାରବାର ହେଉଛି। ସଫେଇ ନାଁରେ ଜଣେ ଠିକା କର୍ମଚାରୀଙ୍କୁ ହାତ କରି ବ୍ୟାପକ ହରିଲୁଟ୍ କରାଯାଉଛି। ଗାଡ଼ିଗୁଡ଼ିକ ପାଇଁ ଆବଶ୍ୟକ ତେଲ କିଣାରେ ମଧ୍ୟ ହେରାଫେରି ହେଉଥିବା ଅଭିଯୋଗ ହେଉଛି। ଏହାସହ ବିଗତ ଦିନରେ କାମ ସାରିଥିବା ଠିକାଦାର ସେମାନଙ୍କ ବିଲ୍ ପାଉ ନ ଥିବା ବେଳେ ନଗଦ କାମ କରୁଥିବା ଠିକାଦାରଙ୍କ ବିଲ୍ ମଧ୍ୟ କରାଯାଉନାହିଁ। କାଉନସିଲର ଓ ଅଧ୍ୟକ୍ଷା ଜିଲ୍ଲାପାଳଙ୍କୁ କରିଥିବା ଅଭିଯୋଗ ଉପରେ ଡୁଡା ଅଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଆସନ୍ତା ୬ ତାରିଖ ତଦନ୍ତ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ସୂଚନା ମିଳିଛି।

# କାଶୀପୁର ବରପାଟଣା ରାମଲୀଳାରେ 'ଲଙ୍କା ଦହନ'



**ନିରାକାରପୁର,୪।୫(ସମିସ):** ଖୋର୍ଦ୍ଧା ଜିଲ୍ଲା ଡିଆ ପଞ୍ଚାୟତ କାଶୀପୁର ବଡ଼ପାଟଣା ଗ୍ରାମରେ ଚାଲିଥିବା ପ୍ରସିଦ୍ଧ ରାମଲୀଳା ମହୋତ୍ସବରେ ରବିବାର 'ଲଙ୍କା ଦହନ' ମଞ୍ଚସ୍ଥ ହୋଇଥିଲା। ଶ୍ରୀରାମଙ୍କ ଆଜ୍ଞା ପାଇ ହନୁମାନ ସମୁଦ୍ର ଲଂଘି ଲଙ୍କାରେ ମାତା ସୀତାଙ୍କୁ ଠାବ କରିବା ଏବଂ ଅହଙ୍କାରୀ ରାବଣର ସ୍ୱର୍ଣ୍ଣଲଙ୍କାକୁ ଦହନ କରିବା ଦୃଶ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ରାମ ଭୂମିକାରେ ରାଜେଶ ପ୍ରଧାନ ଏବଂ ମାତା ସୀତାଙ୍କ ଚରିତ୍ରରେ ପ୍ରଭାତ ଲେଙ୍କା ଜୀବନ୍ତ ଅଭିନୟ କରିଥିଲେ। ରାବଣ ଭୂମିକାରେ ଅକ୍ଷୟ ଲେଙ୍କା ନିଜର ଦୃପ୍ତ ସଂଳାପ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିଥିବା ବେଳେ ହନୁମାନ ଭୂମିକାରେ ନରେନ୍ଦ୍ର ବରାଳ ଓ ନବକିଶୋର ବରାଳଙ୍କ ଅଭିନୟ ଆକର୍ଷଣୀୟ ହୋଇଥିଲା। ଗୁରୁ ପଦ୍ମନାଭ ଦଳାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ କଳାକାରମାନେ ନିଜର ଶ୍ରେଷ୍ଠ କଳା ପ୍ରଦର୍ଶନ କରିଥିଲେ। ହନୁମାନ ମଧୁବନରେ ପଶି ଫଳମୂଳ ଖାଇବା ଓ ଶେଷରେ ଲଙ୍କା ଦହନ କରିବା ଦୃଶ୍ୟ ସମସ୍ତଙ୍କୁ ରୋମାଞ୍ଚିତ କରିଥିଲା।

# ବିଦ୍ୟାଳୟ ପକ୍ଷରୁ ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା




**ବେଗୁନିଆ,୪।୫(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମ ସ୍ଥିତ ଡମଣୀ କୃପା ସୁରେନ୍ଦ୍ରନାଥ ବିଦ୍ୟାପୀଠର ଛାତ୍ର ସତ୍ୟବ୍ରତ ମହାପାତ୍ର ଚଳିତ ମାଟ୍ରିକ୍ ପରୀକ୍ଷାରେ ୫୪୦ ନମ୍ବର ରଖି 'ଏ-୧' ଗ୍ରେଡ୍ ପାଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସୋମବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଶତପଥୀ, ସହକାରୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଦେଇ, ପ୍ରତିମା ପଣ୍ଡା, ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ମହାରଣା, ବେଣୁଧର ପଣ୍ଡା, ଶିକ୍ଷାବିତ୍ ଶରତ କୁମାର ପଣ୍ଡା, ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ସତ୍ୟବ୍ରତଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ସେହିପରି କଣ୍ଟାବାଡ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩ ବର୍ଷ ଧରି ମାଟ୍ରିକ୍ ଟପ୍ପର ଦେଇ ଆସୁଥିବା ବେଳେ ଚଳିତ ବର୍ଷ ବେଗୁନିଆ ବ୍ଲକ୍ ଟପ୍ପର ସତ୍ୟବ୍ରତ ପାଣିଗ୍ରାହୀ (୫୫୬ ମାର୍କ)ଙ୍କ ସହ 'ଏ-୨' ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ର, ସହକାରୀ ଶିକ୍ଷକ ନାରାୟଣ ମାନସିଂହ, ଆଖଣ୍ଡଳମଣି ପ୍ରସାଦ ପଟ୍ଟନାୟକ, ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ନାୟକ, ଆଲୁମିନି କମିଟି ସଦସ୍ୟ ବଂଶୀଧର ପାଣିଗ୍ରାହୀଙ୍କ ସମେତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ବାଲୁଗାଁ ଓ ବାଣପୁର ଥାନାରେ ନୂତନ ଆଇଆଇସି




**ବାଲୁଗାଁ,୪।୫(ସମିସ):** ବାଲୁଗାଁ ଓ ବାଣପୁର ଥାନାରେ ନୂତନ ଆଇଆଇସି ଯୋଗ ଦେଇଛନ୍ତି। ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ାଙ୍କ ନିକଟରେ ବାଣପୁର ଥାନାକୁ ବଦଳି ହୋଇ ଯିବା ପରେ ବାଲୁଗାଁ ଥାନାରେ ନୂତନ ଆଇଆଇସି ଭାବେ ଶ୍ରଦ୍ଧା ନାୟକ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ ଟାଙ୍ଗୀ ଥାନାରେ ଅତିରିକ୍ତ ଆଇଆଇସି ଭାବେ କାର୍ଯ୍ୟରତ ଥିଲେ। ତେବେ ଅଞ୍ଚଳରେ ବିଶେଷକରି ଜନସାଧାରଣଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ସହ ଶାନ୍ତିଶୃଙ୍ଖଳା ରକ୍ଷା ମୂଳ ଲକ୍ଷ ରହିବ ବୋଲି ନୂତନ ଆଇଆଇସି ପ୍ରକାଶ କରିଛନ୍ତି।

ସେହିପରି ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତାଙ୍କର ନିକଟରେ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ପରେ ବାଣପୁର ଥାନାରେ ନୂତନ ଆଇଆଇସି ଭାବେ ଜୟପ୍ରକାଶ ପରିଡ଼ା ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ବାଲୁଗାଁ ଥାନାରେ ଥିବା ବେଳେ ପୂର୍ବରୁ ସେ ମଧ୍ୟ ବାଣପୁର ଥାନାରେ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇ ସାରିଥିବାରୁ ଅଞ୍ଚଳ ଉପରେ ଭଲ ଅଭିଜ୍ଞତା ରହିଛି। ଆଇନଶୃଙ୍ଖଳା ସହ ନିଶା କାରବାର ରୋକିବା ଓ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରାଧାନ୍ୟ ଦେବେ ବୋଲି ନୂତନ ଆଇଆଇସି ଶ୍ରୀ ପରିଡ଼ା କହିଛନ୍ତି।

**ଡିଲ୍‌ବେଳେ ମାଡ଼ିବସିଲା ପୁଲିସ**

# ୪.୫ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ

**ମହିଳାଙ୍କ ସମେତ ୨ ଗିରଫ**



ଖୋର୍ଦ୍ଧା,୪।୫(ସମିସ)

ଆଦର୍ଶ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଦେୱାନସାହି ଅଂଚଳର ଏକ ଖୋଲା ପଡ଼ିଆରେ ବ୍ରାଉନସୁଗର ଡିଲ୍‌ବେଳେ ମାଡ଼ି ବସିଲା ପୁଲିସ। ଜଣେ ମହିଳା ବେପାରୀଙ୍କ ସମେତ ମାଲ ନେବାକୁ ଆସିଥିବା ଅନ୍ୟଜଣେ ଯୁବକକୁ ପୁଲିସ ଗିରଫ କରିଛି। ଗିରଫ ମହିଳା ହେଲେ ଦେୱାନସାହିର ସନ୍ଧ୍ୟାରାଣୀ ବେହେରା ଓରଫ ବେବିନା (୨୬) ଓ ଯୁବକ ଜଣକ ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ମୁକୁନ୍ଦପ୍ରସାଦ ପିଏନ୍ କଲେଜ୍ ଛକଠାରେ ରହୁଥିବା ରୋହନ୍ ଖାନ୍ ଓରଫ୍ ବବୁଲ (୨୭) ବୋଲି ଆଜି ସନ୍ଧ୍ୟାରେ ଆଦର୍ଶ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତଥା ଭାରପ୍ରାପ୍ତ ଖୋର୍ଦ୍ଧା ଏସ୍‌ଡିପିଓ ନିହାର ପ୍ରଧାନ ସୂଚନା ଦେଇଛନ୍ତି। ସେମାନଙ୍କ ଠାରୁ ୪୫ଗ୍ରାମ ବ୍ରାଉନ୍‌ସୁଗର ଓ ୩ଟି ମୋବାଇଲ ପୁଲିସ ଜବତ କରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ତାଙ୍କ ସୂଚନା ଅନୁସାରେ, ଦେୱାନସାହି ନିକଟ ଏକ ଖୋଲାପଡ଼ିଆରେ ବେବିନା ମାଲ ଡେଲିଭରି ଦେବାକୁ ଥିବା ପୁଲିସ ଖବର ପାଇଥିଲା। ତାକୁ ଧରିବାକୁ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ଶ୍ରୀ ପ୍ରଧାନ ଓ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ସୋମବାର ମଧ୍ୟାହ୍ନରେ ଡିଲ୍ ବେଳେ ଏସ୍‌ଆଇ ଦିନେଶ ପିଙ୍ଗୁଆଙ୍କ ନେତୃତ୍ୱରେ ଚଢ଼ଉ କରି ବେବିନା ଓ ବବୁଲକୁ କାବୁ କରିଥିଲେ। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ୪ଲକ୍ଷ ୧୫୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ। ତେବେ ବେବିନା ମାଲ କେଉଁଠାରୁ ଓ କାହା ପାଖରୁ ଆଣି ବେପାର କରୁଛି ପୁଲିସ ତାର ତଦନ୍ତ ଜାରୀ ରଖିଛି। ଏହି ଘଟଣାରେ ଅନ୍ୟକେଉଁମାନେ ସମ୍ପୃକ୍ତ ରହିଛନ୍ତି ପୁଲିସ ତାର ତଦନ୍ତ କରୁଥିବା ଶ୍ରୀ ପ୍ରଧାନ କହିଛନ୍ତି। ଏସ୍‌ଆଇ ପିଙ୍ଗୁଆଙ୍କ ଅଭିଯୋଗ କ୍ରମେ ପୁଲିସ ନଂ.୨୪୮/୨୬ରେ ଏକ ମାମଲା ରୁଜୁ କରି ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ସଞ୍ଜୟ ନାୟକ, ଏସ୍‌ଆଇ ଦିନେଶ ପିଙ୍ଗୁଆ, ଏଏସ୍‌ଆଇ କାବେରୀ ଦାସ, ହାବିଲଦାର ନୀଳୁଚରଣ ମଲ୍ଲିକ, ପି.କେ. ସାହୁ, ସୁନୀତା ବରାଳ, ଶିବ ହନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଥାଉକି, ଖୋର୍ଦ୍ଧା ସହରରେ ଦିନକୁ ଦିନ ବ୍ରାଉନସୁଗାର କାରବାର ବୃଦ୍ଧି ପାଇ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପହଞ୍ଚିଲାଣି। ମହିଳା, ଛାତ୍ର, ଯୁବକ ମାନେ ଏହାକୁ ରୋଜଗାର ପନ୍ଥା ଭାବେ ଗ୍ରହଣ କରିନେଇଛନ୍ତି। ବାଲେଶ୍ୱର, ଜଳେଶ୍ୱର ପ୍ରଭୃତି ଅଂଚଳରୁ ବ୍ରାଉନ୍‌ସୁଗାର ଖୋର୍ଦ୍ଧାକୁ ଆସୁଛି। ଏଠାରୁ ବିଭିନ୍ନ ମାଧ୍ୟମରେ ଚାରିଆଡ଼େ ପଠାଯାଉଛି। ବିଶେଷତଃ ଯୁବପିଢ଼ି ଏହାର ଶିକାର ହେବାରେ ଲାଗିଛନ୍ତି। ବିଶେଷତଃ ୨୦ରୁ ୨୫ବର୍ଷ ଯୁବକ ଏହି କାରବାରରେ ଲିପ୍ତ ରହୁଥିବା ପୁଲିସ ଠାରୁ ସୂଚନା ମିଳିଛି। ଫଳରେ ଖୋର୍ଦ୍ଧା ଦିନକୁ ଦିନ ଅଶାନ୍ତି ଆଡକୁ ଗତି କରୁଛି। ବ୍ରାଉନ୍‌ସୁଗର କାରବାର କରୁଥିବା ଯୁବକ ଏବଂ ଏହାକୁ ଗ୍ରହଣ କରୁଥିବା ଯୁବକମାନେ ବିଭିନ୍ନ ଅସମାଜିକ କାର୍ଯ୍ୟରେ ମଧ୍ୟ ଲିପ୍ତ ରହୁଥିବା ଦେଖିବାକୁ ମିଳିଛି। ଏନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହାର ମୂଳୋତ୍ପାଟନ ଲାଗି ବରିଷ୍ଠ ନାଗରିକ ମାନେ ଦାବି କରିଛନ୍ତି।

# ଚୋରା ମଦ ବ୍ୟବସାୟୀଙ୍କୁ ୩ ବର୍ଷ ଜେଲ୍

**ବାଲୁଗାଁ,୪।୫(ସମିସ):** ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଏକ ଚୋରାମଦ ବିକ୍ରି ମାମଲାର ବିଚାର ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଟାଙ୍ଗୀ ଥାନା କାଳୁପଡା ନିକଟ ଉଆସପଦର ଗ୍ରାମର ବ୍ରଜ ସ୍ୱାଇଁ (୫୫)। ଜରିମାନା ଅନାଦାୟ ଅତିରିକ୍ତ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସୂଚନା ମୁତାବକ, ଗତ ୨୦୨୪ ଜୁନ ୨୨ରେ ଟାଙ୍ଗୀ ଅବକାରୀ ବିଭାଗ ଅଧିକାରୀ ନାରାୟଣ ଜେନା ସଦଳବଳ କାଳୁପଡା ବଜାର ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ୫୦୦ ଏମ୍‌ଏଲର ୨୪ଟି ପାଉଚ ମହୁଲି ମଦ ଜବତ କରିବା ସହ ଅଭିଯୁକ୍ତ ବ୍ରଜକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଚିଲିକା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଅଦାଲତରେ ମାମଲାଟି ବିଚାରଧୀନ ଥିଲା। ସାକ୍ଷ୍ୟ ପ୍ରମାଣ ଆଧାରରେ ଶନିବାର ଉପରୋକ୍ତ ରାୟ ଶୁଣାଣି କରିଛନ୍ତି ବିଚାରପତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଓ ହରେକୃଷ୍ଣ ଜଗଦେବ ମାମଲା ପରିଚାଳନା କରିଥିଲେ।

# ମହିଳାଙ୍କ ଆତ୍ମହତ୍ୟା

**ବାଣପୁର,୪।୫(ସମିସ):** ନାଚୁଣୀ ଥାନା ଅନ୍ତର୍ଗତ ଝରିଆ ଟାଙ୍ଗି ଗ୍ରାମର ପ୍ରଶାନ୍ତ ମହାରଥାଙ୍କ ପତ୍ନୀ ଗୀତାଞ୍ଜଳି (୩୬) ଶାଢ଼ିରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ନାଚୁଣୀ ଥାନାରେ ଅଭିଯୋଗ ହୋଇଛି। ପୁଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ୧୬ ବର୍ଷ ପୂର୍ବେ ଗୀତାଞ୍ଜଳି ଝରିଆ ଟାଙ୍ଗି ଗ୍ରାମର ପ୍ରଶାନ୍ତ ମହାରଥାଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇଟି କନ୍ୟା ସନ୍ତାନ ରହିଛି। ପାରିବାରିକ ମନୋମାଳିନ୍ୟକୁ ନେଇ ଗୀତାଞ୍ଜଳି ବେକରେ ଏପରି ଚରମ ନିଷ୍ପତ୍ତି ନେଇଥିବା ସମ୍ପର୍କୀୟ କହୁଥିବାବେଳେ ତଦନ୍ତ ପରେ କାରଣ ସ୍ପଷ୍ଟହେବ ବୋଲି ଉପ ନିରୀକ୍ଷକ ପ୍ରଫୁଲ କୁମାର ସାହୁ କହିଛନ୍ତି।

# 'ଏ-ୱାନ୍' ଛାତ୍ର ଓମ୍‌ପ୍ରକାଶଙ୍କୁ ସମ୍ବର୍ଦ୍ଧନା

**ଟାଙ୍ଗୀ,୪।୫(ସମିସ):** ଚାନ୍ଦପୁର ରାମଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଓମ୍ ପ୍ରକାଶ ନାୟକ ଚଳିତ ମାଟ୍ରିକ୍ ପରୀକ୍ଷାରେ ୫୪୧ ନମ୍ବର ରଖି 'ଏ-୧'ରେ ପାସ୍ କରିଛନ୍ତି। ପ୍ରଧାନ ଶିକ୍ଷକ ପଦ୍ମଚରଣ ବିଶ୍ୱାଳଙ୍କ ନେତୃତ୍ୱରେ ପରିଚାଳନା କମିଟି ସଭାପତି ବଦ୍ରି ନାରାୟଣ ଚୌଧୁରୀ, ପଞ୍ଚସଖା ଶିକ୍ଷାସେତୁ ସଦସ୍ୟ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ନାୟକ, ବରିଷ୍ଠ ଶିକ୍ଷୟିତ୍ରୀ ପ୍ରେମଲତା ଜାଲି, ମିନାକ୍ଷୀ ତ୍ରିପାଠୀ, ମଧୁସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି ଓମ୍‌ଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ କରି ମିଠାଖୁଆଇ ସମ୍ବର୍ଦ୍ଧିତ କରିଥିଲେ। ଏଠାରେ ଉପସ୍ଥିତ ରହି ଓମ୍‌ଙ୍କ ବାପା ଛବୀନ୍ଦ୍ର ନାୟକ ଗୁରୁଜୀ ଗୁରୁମାଙ୍କୁ କୃତଜ୍ଞତା ଜଣାଇଥିଲେ।

# ସ୍ମରଣୀୟ ରହିବେ ସାହିତ୍ୟିକ ପ୍ରଫୁଲ୍ଲ ବିଶ୍ୱାଳ

**ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି; ଲୋକାର୍ପିତ ହେଲା 'ସ୍ମୃତିରେଣୁ'**




**ଖୋର୍ଦ୍ଧା,୪।୫(ସମିସ):** ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ବାଣିଜ୍ୟ ବିଭାଗର ପ୍ରାଧ୍ୟାପକ ତଥା କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ବିଶିଷ୍ଟ ସାହିତ୍ୟିକ ଡ. ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିସଭା ଜେମାଦେଇ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପଠାରେ ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ଡ.ରବିନାରାୟଣ ସୁବୁଦ୍ଧିଙ୍କ ଆବାହକତ୍ୱରେ ସ୍ମୃତିଚାରଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ବିଶ୍ୱାଳଙ୍କ ଛାତ୍ର ସାମ୍ବାଦିକ ସମରେନ୍ଦ୍ର ବଳିଆରସିଂହ। ଏହି ଅବସରରେ ପ୍ରାକ୍ତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ପ୍ରଫେସର ଲକ୍ଷ୍ମୀଧର ଶ୍ରୀଚନ୍ଦନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ପ୍ରଫେସର ଜନ ରଂଜନ ମହାପାତ୍ର, ପ୍ରଫେସର ଡ. ଏମ୍.ଭୀମା ରାଓ, ପ୍ରଫେସର ସୁଧୀର କୁମାର କର, ଅଧ୍ୟାପକ ପ୍ରଦୀପ କୁମାର ହରିଚନ୍ଦନ, ପୌରଉପାଧକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, ରଶ୍ମୀ ରଞ୍ଜନ ମହାପାତ୍ର, ସପନ ମହାନ୍ତି, ଡ.ସନ୍ତୋଷ କୁମାର ମିଶ୍ର, ଡ.ଗଙ୍ଗାଧର ଦାଶ, ଡ.ଦେବେନ୍ଦ୍ର କୁମାର ବେହେରା, ମେଜର ଦୁଷ୍ମନ୍ତ କୁମାର ରାଉତରାୟ, ପ୍ରଫୁଲ୍ଲ କୁମାର ଦାଶ, ଡ.ପତିତପାବନ ଦଳାଇ, ଭବାନୀ ପ୍ରସାଦ କର, ମନୋରଞ୍ଜନ ନାୟକ, ପୁରବି ଶ୍ରୀଚନ୍ଦନ, ସୁନୀଲ ବୋଷ, ସୁରେଶ ବିଶ୍ୱାଳ, ତପନ ମହାପାତ୍ର, ଜ୍ୟୋତିରଂଜନ ରାୟ ପ୍ରମୁଖ ତାଙ୍କର ଗୁଣାବଳୀ ବର୍ଣ୍ଣନା କରି ଡ.ବିଶ୍ୱାଳ ଜଣେ ଛାତ୍ରବତ୍ସଳ ଶିକ୍ଷକ, ଦକ୍ଷ ସଙ୍ଗଠକ ଓ ଅନେକ ସାରସ୍ୱତ କୃତୀ ରଚନା କରି ଓଡ଼ିଆ ଭାଷା ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ବୋଲି ମତ ଦେଇଥିଲେ। ଇଂରାଜୀ ଭାଷାରେ ମଧ୍ୟ ସେ ଅତ୍ୟନ୍ତ ଦକ୍ଷ ଥିଲେ। ପ୍ରାଣନାଥ ମହାବିଦ୍ୟାଳୟ ସ୍ୱୟଂଶାସିତ ହେବାରେ ତାଙ୍କର ବଡ଼ ଭୂମିକା ରହିଥିଲା ବୋଲି ବକ୍ତାମାନେ କହିଥିଲେ। ଏହି ପରିପ୍ରେକ୍ଷୀରେ 'ସ୍ମୃତି ରେଣୁ' ନାମକ ଏକ ସ୍ମରଣିକା ଲୋକାର୍ପିତ ହୋଇଥିଲା। ପୁତ୍ର ଆୟନ କୁମାର ବିଶ୍ୱାଳ, ସାହିତ୍ୟିକ ତୁଷାର ପାଲଟାସିଂହ, ଦୀପକ ଶ୍ରୀଚନ୍ଦନ, କନ୍ୟା ଶୁଭଲକ୍ଷ୍ମୀ ବିଶ୍ୱାଳ ଓ ଜାମାତା ଲିଟୁ, ଅନିନ୍ଦିତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଫେସର ଡ଼.ତତ୍ତ୍ୱମସୀ ପାଲଟାସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# କୈଳାଶ ବେହେରାଙ୍କ ଏକାଦଶାହରେ ସ୍ମୃତିସଭା



**ଟାଙ୍ଗୀ,୪।୫(ସମିସ):** କନ୍ଧନୟାଗଡ଼ ବରିଷ୍ଠ ନାଗରିକ ମଞ୍ଚର ସକ୍ରିୟ ସଭ୍ୟ, ନୟାଗଡ଼ ଜିଲ୍ଲା ବିଜେପି ସଭାପତି ତାପସ ରଞ୍ଜନ ମାର୍ଥାଙ୍କ ପିତା, ରଣପୁର ବ୍ଲକ ଚେୟାରମ୍ୟାନ ନିର୍ମଳା ବେହେରାଙ୍କ ଶଶୁର ସ୍ୱର୍ଗତ କୈଳାଶ ଚନ୍ଦ୍ର ବେହେରାଙ୍କ ଏକାଦଶାହରେ ବରିଷ୍ଠ ନାଗରିକମଞ୍ଚ ଓ ଆଞ୍ଚଳିକ ପୂଜ୍ୟପୂଜା ପରିଷଦର ମିଳିତ ସହାୟତାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ପରିଷଦର ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ ନାଗରିକ, ପରିବାର ବର୍ଗ, ଅଞ୍ଚଳବାସୀ, ଅନେକ ସହପାଠୀ ବନ୍ଧୁବାନ୍ଧବଙ୍କ ଉପସ୍ଥିତିର ଶ୍ରଦ୍ଧାସୁମନ ଅର୍ପଣ ସହ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଉପସଭାପତି ପଣ୍ଡିତ ବାଳକୃଷ୍ଣ ମିଶ୍ର ଶ୍ରୀମଦ୍ ଭାଗବତ ଗୀତାର ପଞ୍ଚାଦଶ ଅଧ୍ୟାୟ ପାଠ କରିଥିଲେ। ମଞ୍ଚର ଉପସଭାପତି ଭାଗିରଥି ମହାରଣା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ମନୋଜ ପାତ୍ର, କୃଷ୍ଣ ମୋହନ ବେହେରା, ଲୋଚନ ବେହେରା, କୃଷ୍ଣ ଚନ୍ଦ୍ର ପ୍ରଧାନ, ନିମାଇଁ ଚରଣ ସାହୁ, ସୁରେଶ ପାଇକରାୟ, ଅରୁଣ କୁମାର ସୁବୁଦ୍ଧି, ଲକ୍ଷ୍ମୀଧର ବେହେରା, ଭଗବାନ ଗୁରୁ, ସୁବାସ ଆଚାର୍ଯ୍ୟ ଶ୍ରୀ ବେହେରା ଜଣେ ମିଷ୍ଟଭାଷୀ, ସରଳ ଅମାୟିକ ବ୍ୟକ୍ତିତ୍ୱ ଥିଲେ ବୋଲି ମନ୍ତବ୍ୟ ରଖିଥିଲେ। ପୁତ୍ରବଧୂ ଚେୟାରମ୍ୟାନ ନିର୍ମଳା, ପୁତ୍ର ତାପସ ମଧ୍ୟ ବାପାଙ୍କର ପରିବାର ପ୍ରତି ଅବଦାନକୁ ଅବତାରଣା କରିଥିଲେ। ପୁତ୍ର ମାନସ, ଗଣେଶ ଶୋକାକୁଳ ପରିବେଶରେ ଧନ୍ୟବାଦ ପ୍ରଦାନ କରିଥିଲେ।

# ସୌମ୍ୟ ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି



**ଖୋର୍ଦ୍ଧା,୪।୫(ସମିସ):** ଖୋର୍ଦ୍ଧା ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ପାଇଛନ୍ତି ସୌମ୍ୟ ରଞ୍ଜନ ବରାଳ। ସୌମ୍ୟ ପୂର୍ବରୁ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ଜିଲ୍ଲାର ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ହେବା ପରେ ସୌମ୍ୟ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ଅଖିଳ ଭାରତୀୟ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ଅଖିଳ ଭାରତୀୟ ଯୁବ କଂଗ୍ରେସ ପ୍ରଭାରୀ ମନୀଷ ଶର୍ମା, ଅଖିଳ ଭାରତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ କୁମାର ପାତ୍ର, ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ, ସହ ପ୍ରଭାରୀ ତଥା ପୂର୍ବତନ ମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଜିଲ୍ଲା ସଭାପତିଙ୍କ ଆହ୍ୱାନକ୍ରମେ ଯୁବ କଂଗ୍ରେସର ସଂଗଠନକୁ ଆହୁରୀ ମଜଭୂତ କରାଯିବ ବୋଲି ସୌମ୍ୟ କହିଛନ୍ତି।

# ଖୋର୍ଦ୍ଧାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ଖୋର୍ଦ୍ଧା,୪।୫(ସମିସ)



ଚଳିତ ମାସର ପ୍ରଥମ ସୋମବାର ଖୋର୍ଦ୍ଧା ପଞ୍ଚାୟତ ସମିତିର ଅଭିଯୋଗ ଶୁଣାଣି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାସ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ପେନସନ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତା, ବିଦ୍ୟୁତ ସମସ୍ୟା, ପାଣି ସମସ୍ୟା ଭଳି ମୋଟ ୯୩ଟି ବିଭିନ୍ନ ସଂକ୍ରାନ୍ତୀୟ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୮୭ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ମାତ୍ର ୬ଟି ସାମୂହିକ ଥିଲା। ଘଟଣାସ୍ଥଳରେ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ନାଚୁଣୀ ହରିଚନ୍ଦନପୁରର ବେବି ପଲାଇଙ୍କୁ ଚିକିତ୍ସା ନିମନ୍ତେ ୩୦ହଜାର ଓ ମାଳତୀ ପଲାଇ ୧୦ହଜାର ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଏବଂ ଚିଲିକା ହାଟବରଡ଼ି ତରାପିର ବୀଣାପାଣି ସୁବୁଦ୍ଧିଙ୍କୁ ଚିକିତ୍ସା ନିମନ୍ତେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧୦ହଜାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅନଲାଇନରେ ଆସୁଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଗୁଡିକୁ ସମ୍ପୃକ୍ତ ଅଧିକାରୀମାନେ ଯତ୍ନବାନ ହୋଇ ସେଗୁଡ଼ିକୁ ତୁରନ୍ତ ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର (ଅଭିଯୋଗ) ଭୁବନେଶ୍ୱରୀ କଅଁର, ତହସିଲଦାର ବିଭାସ ପାଣିଗ୍ରାହୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଟିକମ ଦଳେଇ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ବେଗୁନିଆ ପୁଲିସ ପକ୍ଷରୁ ଚନ୍ଦନ ଯାତ୍ରା ଅବସରରେ ଶୋଭାଯାତ୍ରା



**ବେଗୁନିଆ,୪।୫(ସମିସ):** ବେଗୁନିଆ ସଦର ମହକୁମା ବଡ଼ସାହି ସ୍ଥିତ ଜଗନ୍ନାଥ ମନ୍ଦିରରେ ଚାଲିଥିବା ଭଉଁରୀ ଯାତ୍ରା ପାଳନ ଅବସରରେ ୧୫ ଦିନ ପାଳିରେ ଥାନା ପକ୍ଷରୁ ଶୋଭାଯାତ୍ରା ବାହାରିଥିଲା। ପରେ ପୂଜକ ସନ୍ତୋଷ କୁମାର ପଣ୍ଡା, ଦଧିବାମନ ଦେବ ମନ୍ଦିର ଉପଦେଷ୍ଟା ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ମୁଖ୍ୟ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଦାଶ, ସଭାପତି ନୀଳକଣ୍ଠ ସ୍ୱାଇଁ, ଉପଭାପତି ଲୋକନାଥ ସ୍ୱାଇଁ, ପରିଚାଳନା ସମ୍ପାଦକ ହେମନ୍ତ କୁମାର ସାହୁଙ୍କ ସମେତ ଘଣ୍ଟ ଘଣ୍ଟା ଧ୍ୱନିରେ ଭାବମୟ ପରିବେଶ ମଧ୍ୟରେ ବଡ଼ ପୋଖରୀରେ ଚନ୍ଦନ ପୋଖରୀ ଭିତରେ ଚାପ ଖେଳିଥିଲେ। ସୂଚନା ଥାଉ କି, ୧୫ ଦିନ ଘରୋଇ ପାଳି ଓ ୫ ଦିନ ସାହି ପାଳି ରହିଥିବା ବେଳେ ଥାନା ପାଳିରେ ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ, ପତ୍ନୀ କାଦମ୍ବିନୀ ମଲ୍ଲିକ, ଅତିରିକ୍ତ ଥାନା ଅଧିକାରୀ ମନୋଜ କୁମାର ଶତପଥୀ, ଭୁବନ ବେହେରା, ମଙ୍ଗୁଳି ବେହେରା, ପବନ ରାଉତରାୟ, ରାଇଟର ଶ୍ରୀନିବାସ ବାରିକ୍ ଓ ସମିତିସଭ୍ୟ ଦିଲ୍ଲିପ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

